ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ବିଶ୍ୱକପରେ ବ୍ରୋଞ୍ଜ ପଦକ ବିଜେତା ଜିମ୍ନାଷ୍ଟ ପ୍ରଣତି ନାୟକଙ୍କୁ ଅଭିନନ୍ଦନ ଜଣାଉଛନ୍ତି।



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୮ ● ୨୩ ଫେବୃୟାରୀ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-28 ● 23rd February 2024, Friday ● Bhubaneswar | Licensed to post without pre-payment of postage No- BN-60/22-24



DSPL-698

5T || ଓଡ଼ିଶା ସରକାର || ଆମ ଓଡ଼ିଶା ନବୀନ ଓଡ଼ିଶା

ଉଦୀୟମାନ ଯୁବକଯୁବତୀଙ୍କୁ 'ଯୁବ ଉଦ୍ୟୋଗୀ' ରେ ପରିଣତ କରିବା ପାଇଁ ଆମ ସରକାରଙ୍କ ନୂଆ ଯୋଜନା

# 'ସ୍ୱୟମ୍'

swayam.odisha.gov.in

ଲାଭଜନକ ବ୍ୟବସାୟ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ



## ଯୋଜନା

- ନୂଆ କିମ୍ବା ଚାଲୁ ରହିଥିବା ବ୍ୟବସାୟ ବଢ଼ାଇବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ।
- ଋଣର ସୁଧଭାର ବହନ କରିବେ ସରକାର ।
- ବ୍ୟବସାୟ ପାଇଁ ଆବଶ୍ୟକ ଟଙ୍କାର ମାତ୍ର ୫ % ମୂଳ ଜମା ଆକାରରେ ଦାଖଲ କରିବାକୁ ପଡିବ ।
- ଋଣ ନିମନ୍ତେ କୌଣସି ବଂଧକ ରଖିବାକୁ ପଡିବ ନାହିଁ କିମ୍ବା ପ୍ରୋସେସିଂ ଫି ଦେବାକୁ ପଡିବ ନାହିଁ ।
- ଋଣ ପରିଶୋଧ କରିବାର ୪ ବର୍ଷ ସମୟ ସୀମା ମଧରେ ବ୍ୟାଙ୍କର ପ୍ରଚଳିତ ନିୟମାନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ଋଣ ପରିଶୋଧ ଅବଧି ରିହାତି ।

## ଆବଶ୍ୟକ କାଗଜ ପତ୍ର

- ଆବେଦନକାରୀଙ୍କ ପାସ୍‌ପୋର୍ଟ ସାଇଜ ଫଟୋ ।
- ବୟସ ପ୍ରମାଣପତ୍ର (ଆଧାର କାର୍ଡ଼ / ଭୋଟର ଆଇ.ଡି / ପ୍ୟାନ କାର୍ଡ଼ / ଦଶମ ବୋର୍ଡ଼ ସାର୍ଟିଫିକେଟ / ଜନ୍ମ ପ୍ରମାଣପତ୍ର) ।
- ବାସସ୍ଥାନ ପ୍ରମାଣପତ୍ର (ଆଧାର କାର୍ଡ଼ / ତହସିଲଦାରଙ୍କ ଦ୍ୱାରା ଦିଆଯାଇଥିବା ବାସସ୍ଥାନ ପ୍ରମାଣପତ୍ର / ଭୋଟର ଆଇ.ଡି / ଡ୍ରାଇଭିଂ ଲାଇସେନ୍ସ / ବିଦ୍ୟୁତ ବିଲ୍ / ରାସନ କାର୍ଡ଼) ।
- ବାର୍ଷିକ ଆୟ ପ୍ରମାଣପତ୍ର / 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କାର୍ଡ଼ / 'କାଳିଆ' ଯୋଜନା କାର୍ଡ଼ ।
- UDYAM ରେଜିଷ୍ଟ୍ରେସନ / ଆସିଷ୍ଟେଡ଼ ସାର୍ଟିଫିକେଟ ।
- ଜାତି / ଭିନ୍ନକ୍ଷମ ପ୍ରମାଣପତ୍ର ।
- ସହରାଞ୍ଚଳ କିନ୍ନରଙ୍କ ଦ୍ୱାରା ଘୋଷଣାପତ୍ର ।

## ଯୋଗ୍ୟତା

- ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଆଗ୍ରହୀ ଯୁବକଯୁବତୀ ।
- ଅନୁସୂଚିତ ଜାତି / ଜନଜାତି / ଭିନ୍ନକ୍ଷମ / କିନ୍ନର ଋଣଗ୍ରହୀତାଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୦ ବର୍ଷ ।
- 'କାଳିଆ', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ରେ ଅନ୍ତର୍ଭୁକ୍ତ ହୋଇଥିବା ପରିବାର କିମ୍ବା ଗ୍ରାମାଞ୍ଚଳରେ ୨ ଲକ୍ଷ ଟଙ୍କା ଏବଂ ସହରାଞ୍ଚଳରେ ୩ ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାର ।
- 'ଉଦ୍ୟମ' ଯୋଜନାରେ ପଞ୍ଜିକୃତ କିମ୍ବା ସହାୟକ ନମ୍ବରଧାରୀ ଯୁବକଯୁବତୀ ।

## ଆବେଦନ ପ୍ରକ୍ରିୟା

- ଆବେଦନକାରୀ **swayam.odisha.gov.in** ୱେବ୍‌ସାଇଟ୍ ଅଥବା **'ମୋ ସେବା କେନ୍ଦ୍ର'** ସହାୟତାରେ ଆବେଦନ କରିପାରିବେ ।
- ସହରାଞ୍ଚଳ ଆବେଦନକାରୀ ନିଜ ଋଣ ଦରଖାସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ/ ପୌର ପରିଷଦ/ମହାନଗର ନିଗମ କାର୍ଯ୍ୟାଳୟରେ ମଧ ଦାଖଲ କରିପାରିବ ।
- ଆବେଦନକାରୀ ଯେଉଁ ବ୍ୟାଙ୍କରୁ ଋଣ ନେବାକୁ ଇଚ୍ଛୁକ, ତାହା ଆବେଦନ ସମୟରେ ଦର୍ଶାଇବେ ।
- ଆସନ୍ତା ତା ୨୩/୦୨/୨୪ ରିଖରୁ ଆବେଦନ ଗ୍ରହଣ କରାଯିବ ।

OIPR : 19001/13/0088/2324

# ସ୍ୱାବଲମ୍ବୀ ଯୁବଗୋଷ୍ଠୀ, ନବୀନ ଓଡ଼ିଶାର ଶକ୍ତି ।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଫେବୃୟାରୀ ୨୦୨୪ ଶୁକ୍ରବାର






# ବେଆଇନ୍ ହୋଟେଲ ଉପରେ ସିଏମ୍‌ସିର ଚଢ଼ଉ

**କଟକ, ନ୍ୟୁଜ୍ ବ୍ୟୁରୋ**

ମର୍କତନଗର ସେକ୍ଟର-୬ ଏବଂ ୯ରେ ବିନା ଲାଇସେନ୍ସ ଓ ନଥିପତ୍ରରେ ଚାଲିଥିବା ଦୁଇଟି ହୋଟେଲ ଉପରେ କଟକ ମହାନଗର ନିଗମ (ସିଏମସି) ଖାଦ୍ୟ ସୁରକ୍ଷା ଓ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ପ୍ରତ୍ୟେକଙ୍କ ନିକଟରୁ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଛି । ସେହିପରି ଉଭୟ ପ୍ରତିଷ୍ଠାନକୁ ସିଏମ୍‌ସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି । ପ୍ରକାଶ ଥାଉକି, କଟକ ସହରରେ ବ୍ୟବସାୟ ବାଣିଜ୍ୟ କରିବା ନିମନ୍ତେ ଓ ଖାଦ୍ୟ ପଦାର୍ଥ ବିକ୍ରୟ ପାଇଁ ଟ୍ରେଡଲାଇସେନ୍ସ ଓ ଫୁଡ୍‌ଲାଇସେନ୍ସର ଆବଶ୍ୟକତା ଥିଲାବେଳେ ଏହି ନିୟମକୁ ଉଲ୍ଲଂଘନ କରି କେତେକ ବ୍ୟବସାୟିକ ପ୍ରତିଷ୍ଠାନ ବେପାର ବଣିଜ କରୁଥିବା ସଂପର୍କରେ ଜଣାପଡିବା ପରେ ଉପରୋକ୍ତ ବିଭାଗ ପକ୍ଷରୁ ମିଳିତ ଭାବରେ ସିଡିଏ ସେକ୍ଟର ୬ ସ୍ଥିତ ସାଇକଣ୍ଟିନେଣ୍ଟାଲ ହୋଟେଲ ଉପରେ ଚଢଉ କରାଯାଇଥିଲା । ବିଶେଷକରି ନିୟମ ନମାନି ବାସପୋଯୋଗୀ ଫ୍ଲାଟ୍‌ରେ ହୋଟେଲ ବ୍ୟବସାୟ ଚଳାଇବା, ଟ୍ରେଡ୍ ଓ ଫୁଡ୍‌ଲାଇସେନ୍ସ ନଥିବା, ଅଗ୍ନି ନିରାପତ୍ତା ସଂକ୍ରାନ୍ତ ଏନ୍‌ଓସି ନଥିବା ସହିତ ପରିମଳ ନିୟମ ବି ଉଲ୍ଲଂଘନ କରାଯାଇଥିଲା । ଏତଦ୍ ବ୍ୟତୀତ ବାସୀଖାଦ୍ୟ ଗ୍ରାହକ ମାନଙ୍କୁ ବିକୁଥିବା ନେଇ ଜଣାପଡିବା ପରେ ପ୍ରାୟ ୮୦ କେଜିରୁ ଉର୍ଦ୍ଧ୍ୱ ଖାଦ୍ୟକୁ ତୁରନ୍ତ ନଷ୍ଟ କରିଦିଆଯାଇ ଜରିମାନା ବାବଦକୁ ୩୦ ହଜାର ଟଙ୍କା ଆଦାୟ କରାଯାଇଥିଲା । ସେହିପରି ସେକ୍ଟର-୯ର ଓୟୋସହ ଅନୁବନ୍ଧିତ ଡିପିକଟେଜ୍ ନାମକ ହୋଟେଲ ଉପରେ ଚଢଉ କରାଯାଇଥିଲା । ହୋଲ୍ଡିଂଟ୍ୟାକ୍ସ, ଟ୍ରେଡଲାଇସେନ୍ସ ଆଦି ନଥିପତ୍ର ନଥିବା ସହିତ ହୋଟେଲଟି ବାଣିଜ୍ୟିକ ସ୍ଥଳରେ ନଚାଲି ବାସୋପଯୋଗୀ ଜମିରେ ବେଆଇନ୍ ଭାବରେ ଚାଲୁଥିବା ଜଣାପଡିଥିଲା । ଏତଦ୍‌ବ୍ୟତୀତ ହୋଟେଲର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ନଥିବା ଜଣାପଡିବା ପରେ ସିଏମସି ପକ୍ଷରୁ ୩୦ ହଜାର ଟଙ୍କା ଜରିମାନ ଆଦାୟ କରାଯାଇଛି ବୋଲି ଡେପୁଟି କମିଶନର ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏହି ଚଢଉରେ ଶ୍ରୀ ମହାନ୍ତି ନେତୃତ୍ୱ ନେଇଥିବାବେଳେ ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ଖାଦ୍ୟ ନିରୀକ୍ଷକ ଓସିଡିଇଏଫ୍‌ର ଗୋଟିଏ ଟିମ୍ ଏଥିରେ ସାମିଲ ଥିଲେ ।

# ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଆଶା ଦିଦିଙ୍କ ମୃତ୍ୟୁ ଅଭିଯୋଗ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ର ସୋନପୁର ଡି ଏନ କେ ର ଆଶାଦିଦି ଜୁତିକା ବରୋଇଙ୍କ ମୃତ୍ୟୁ ହୋଇଛି । ତାଙ୍କର ଦୁଇବର୍ଷ ହେବ ମାନସିକ ବିକୃତି ଥିଲା । ତେବେ ରାତି ଦୁଇଟାରେ କୌଣସି କାରଣରୁ ହଠାତ୍ ଘରେଥିବା ଥାଇରଡ଼ ଔଷଧରୁ ଦଶଗୋଟି ଖାଇଦେଇଥିଲେ । ହଠାତ୍ ଦେହ ଅସୁସ୍ଥ ହୋଇଯିବା ଦେଖି ଘରଲୋକ ସକାଳ ପାଞ୍ଚଟାରେ ମେଡିକାଲ୍ ଆଣିଥିଲେ । ମେଡିକାଲ୍‌ରେ କେହି କର୍ମଚାରୀ ନଥିବାରୁ କେତେଜଣ ଆଶାଦିଦିଙ୍କ ସହାୟତାରେ ତାଙ୍କୁ ପଟାସ ପାଣି ପିଆଇ ୱାସ୍ କରିବା ପରେ ସେ କିଛି ସମୟ ଭଲ ଥିଲେ । ପରବର୍ତ୍ତୀ ସମୟରେ ଡାକ୍ତର ଆସି ତିନୋଟି ଇଞ୍ଜେକ୍ସନ ଦେଇଥିଲେ । କିଛି ସମୟ ପରେ ସେ ଛଟପଟ ହୋଇ ମୃତ୍ୟୁ ବରଣ କରିଥିଲେ । ଗାଁ ଲୋକ ଓ ଅନେକ ଆଶା ଦିଦି ମାନେ ଜମା ହୋଇଥିଲେ । କିଛି ସମୟ ପାଇଁ ଶୋକର ଛାୟା ଖେଳି ଯାଇଥିଲା । ଖବର ନେବାରୁ ଜଣାପଡିଛି ଯେ ଜୁତିକାଙ୍କ ସ୍ୱାମୀ ଦଶବର୍ଷ ପୂର୍ବେ ଖୋର୍ଦ୍ଧା ଜିଲ୍ଲା ଭୁଶୁଣ୍ଡପୁର ଠାରେ ମାଛ ବେପାର କରୁଥିବା ବେଳେ ଡଙ୍ଗାରେ ନିଆଁ ଲାଗିଯିବାରୁ ତାଙ୍କର ମୃତ୍ୟୁ ହେଇଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଆଶା ଚାକିରୀ କରି ପରିବାର ଚଳାଉଥିଲେ । ତାଙ୍କର ଗୋଟେ ଝିଅ ଓ ଗୋଟେ ପୁଅ ଅଛନ୍ତି । ଝିଅ ବର୍ତ୍ତମାନ ଯୁକ୍ତ ୨ ଆନୁଆଲ ପରୀକ୍ଷା ଦେଉଥିବା ବେଳେ ପୁଅ ଦଶମ ପରୀକ୍ଷା ଦେଉଛି । ବାପା ମା' ଛେଉଣ୍ଡ ପିଲାମାନେ କେମିତି ବଞ୍ଚିବେ, କେମିତି ପାଠ ପଢ଼ିବେ ଏଥିପାଇଁ ଗାଁ ଲୋକମାନେ ଓ ଆଶାଦିଦି ମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି । ସରକାରୀ ସହାୟତା ହିଁ ୨ ଗୋଟି ସନ୍ତାନଙ୍କ ଜୀବନ ରକ୍ଷା ଓ ପାଠପଢାରେ ମୁଖ୍ୟ ସହାୟକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ସମ୍ବଲପୁର-ଦର୍ଶନ ନଗର 'ଆସ୍ଥା' ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଷ୍ଟେସନରେ ପବିତ୍ର ଅଯୋଧ୍ୟାରେ ଭକ୍ତମାନଙ୍କୁ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରତ୍ୟକ୍ଷ ଦର୍ଶନ କରାଇବା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଦୀର୍ଘ ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟି ରାମ ନଗରୀ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇସାରିଛି । ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିବା ପାଇଁ ଯାତ୍ରୀ ତଥା ରାମଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଉତ୍କଣ୍ଠା ଦେଖାଯାଇଛି । ସୁବିଧାରେ ଭକ୍ତମାନଙ୍କର ଦର୍ଶନ କରିବା ପାଇଁ ଦେଶବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଆସ୍ଥା ଟ୍ରେନ୍‌ର ବ୍ୟବସ୍ଥା ହୋଇଛି । ୨୦ଟି ରେଳ ବଗି ବିଶିଷ୍ଟ ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍ ଓଡ଼ିଶାର ଅନେକ ରାମ ଭକ୍ତଙ୍କୁ ନେଇ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି । ୨୦୪୭ ସୁଦ୍ଧା ଭାରତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦରେ ବିକଶିତ ଦେଶ ହେବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି । ଟ୍ରେନ୍‌ରେ ଅଯୋଧ୍ୟା ଯାତ୍ରା କରୁଥିବା ରାମଭକ୍ତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆସ୍ଥା ଟ୍ରେନ୍‌ର ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି ।

# ଯାଜପୁର ଜିଲ୍ଲାରେ ୨୫୦ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ସମୟରେ ସିକିମ ସତ୍ତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅଭିଯୋଗ ଆସିଥିଲା । ପରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସିକିମ ସତ୍ତ୍ୱ ଦଖଲକାରୀମାନେ ଜମିଜମା ମାମଲା ସମସ୍ୟା ସମାଧାନ ନ ହୋଇପାରୁଥିବାରୁ ସରକାରଙ୍କର ବିଭିନ୍ନ ଯୋଜନାରୁ ସେମାନେ ବାଦ ପଡିଯାଉଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ସେମାନଙ୍କର ନ୍ୟାର୍ଯ୍ୟଦାବୀ ମାଲିକାନା ପ୍ରଦାନ କରିବା ପାଇଁ ଓଡିଶା ଭୂ ସଂସ୍କାର ଆଇନ ୧୯୬୦କୁ ଓଡ଼ିଶା ରାଜସ୍ୱ ବିଭାଗକୁ ରାଜ୍ୟ ରାଜସ୍ୱ ସେବା ଟାସ୍କଫୋର୍ସ ଗଠନ କରି ସମଗ୍ର ଓଡ଼ିଶାରେ ସର୍ଭେ କରି ଆଇନ୍‌ରେ ସଂଶୋଧନ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଓଡ଼ିଶା ସରକାର ରାଜସ୍ୱ ବିଭାଗ ୮୦୧୧୯ ଖାତାରେ ପାଖାପାଖି ୨୧୩ ଏକର ଜମି କିସମ ପରିବର୍ତ୍ତନ କରି ସିକିମ୍ ସତ୍ତ୍ୱାଧିକାରୀ ରୟତ ମାନଙ୍କୁ ସିକିମ ଜମିକୁ ଚାଷ ଓ ଗୃହ ପାଇଁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ଆଭାସୀରେ ଶୁଭାରମ୍ଭ କରିଛନ୍ତି । ଭି.କେ. ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଆଭାସୀରେ ଯାଜପୁର ସମେତ ୧୯ ଗୋଟି ଜିଲ୍ଲାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ, ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ମଞ୍ଚାସୀନ ରହି ଜିଲ୍ଲାର ୧୦ ଗୋଟି ବ୍ଲକର ୨୫୦ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ । ସମଗ୍ର ଓଡ଼ିଶାରେ ଯାଜପୁର ଜିଲ୍ଲାକୁ ନେଇ ମୋଟ ୨ ଲକ୍ଷ ୫୪ ହଜାର ରୟତ ମାନଙ୍କୁ ମୁଖ୍ୟମନ୍ତ୍ରୀ ପଟ୍ଟା ବଣ୍ଟନ କରିଛନ୍ତି । ଆଭାସୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଓ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିବା ବେଳେ ଅତିରିକ୍ତ ସଚିବ ଶଶଧର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଯାଜପୁର ଜିଲ୍ଲା ସ୍ତରୀୟ ପଟ୍ଟା ବଣ୍ଟନ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ସମସ୍ତ ତହସିଲଦାର, ହିତାଧିକାରୀ ରୟତ ଓ ପରିବାର ବର୍ଗ, ଗଣମାଧ୍ୟମ ପ୍ରତିନିଧି ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଗାଡ଼ି ଧକ୍କାରେ ଜଣେ ମୃତ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ବାଙ୍କିଛନ୍ଦା ଗ୍ରାମରେ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ନେଇ ମହାକାଳପଡ଼ା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ମୃତ ବ୍ୟକ୍ତିଙ୍କ ପୁଅ ସୁବାଷ ରାଉତ ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ବାଙ୍କିଛନ୍ଦା ଗ୍ରାମର ବ୍ରଜକିଶୋର ରାଉତ ଗତ ୨୦ ତାରିଖ ରାତି ୮ଟା ୩୦ ମିନିଟ୍ ସମୟରେ ତାଙ୍କ ଗାଁ ଦୋକାନରୁ ଫେରିବା ବାଟରେ ଚଣ୍ଡିଆପଲ୍ଲୀ ଗାମର ଗଗନ ପରିଡାଙ୍କ ପୁଅ ସୁଜିତ ପରିଡ଼ା ଏକ ଗାଡ଼ି ଚଳାଇ ଆସି ତାଙ୍କ ବାପାଙ୍କ ଦେହରେ ପିଟି ଦେଇଥିଲେ । ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ ଭୁବନେଶ୍ୱର ଚିକିତ୍ସା ପାଇଁ ନେଇଥିଲେ । ବୁଧବାର ଭୋର୍ ୫ଟା ବେଳେ ତାଙ୍କର ମୃତ୍ୟୁ ହୋଇଛି ।

# ହତ୍ୟା ଧମକ:ଥାନାର ଦ୍ୱାରସ୍ଥ ହେଲେ ବାବା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ହଳଧରପୁର (କଂଟିବାଙ୍କ) ମଠର ବାବା ନିରାକାର ଦେବଙ୍କୁ ସ୍ଥାନୀୟ ଅଞ୍ଚଳର ଦୁଇଜଣ ଯୁବକ ଜୀବନରୁ ମାରିଦେବାକୁ ଧମକ ଦେଇଥିବାର ଅଭିଯୋଗ ହୋଇଛି । ନ୍ୟାୟ ପାଇବା ନିମନ୍ତେ ବାବା ନିଶ୍ଚିନ୍ତକୋଇଲି ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । ହଳଧରପୁର (କଂଟିବାଙ୍କ) ମଠରେ ବାବା ନିରାକାର ଦେବ ଦୀର୍ଘ ୪୦ ବର୍ଷ ହେଲା ରହି ପୂଜାର୍ଚ୍ଚନା କରି ଆସୁଛନ୍ତି । ବାବା ସ୍ଥାନୀୟ ଅଞ୍ଚଳରୁ ଭିକ୍ଷାବୃତିକରି ଜୀବିକା ନିର୍ବାହ କରିଥାନ୍ତି । ତେବେ ସ୍ଥାନୀୟ ଅଞ୍ଚଳର ଦୁଇଜଣ ଅସାମାଜିକ ଯୁବକ ବାବାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିବାର ଅଭିଯୋଗ ହୋଇଛି । ଏପରିକି ସମ୍ପୃକ୍ତ ବ୍ୟକ୍ତିମାନେ ବାବାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କର ଛଣଗଦାକୁ ଭାଙ୍ଗିଦେଇଥିବାର ଅଭିଯୋଗ ହୋଇଛି । ଶୋଇଥିଲା ବେଳେ ନିଆଁ ଲଗାଇ ଜୀବନ୍ତ ମାରିଦେବାକୁ ଧମକ ଦେଇଥିବାର ଅଭିଯୋଗ ହୋଇଛି । ଏଥିରେ ଭୟଭୀତ ହୋଇ ବାବା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ରେଳଧାରଣାରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥର ଚୌଦ୍ୱାର ନିକଟ ମଙ୍ଗୁଳି-ଚୌଦ୍ୱାର ରେଳ ଷ୍ଟେସନ ନିକଟରେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତ ଦେହ ରେଳ ଧାରଣା ଉପରେ ପଡ଼ିଥିବା ମଙ୍ଗଳବାର ସକାଳେ ଦେଖିବାକୁ ମିଳିଛି । ରେଳପଥର ଡାଉନ୍ ଲାଇନ୍‌ର ଗୋଟିଏ ପଟେ ଯୁବକଙ୍କ କଟା ମୁଣ୍ଡ ପଡ଼ିଥିବାବେଳେ ଅନ୍ୟପଟେ ମୁଣ୍ଡ ବିହୀନ ଶରୀର ପଡ଼ିଥିବା ଦେଖିବାକୁ ମିଳିଛି । ଖବରପାଇ ରେଳବାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ପରିଚୟ ଜଣାପଡ଼ିନାହିଁ । ତେବେ ସେ ରେଳଧାରଣାରେ ମୁଣ୍ଡରଖି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ସତ୍ତ୍ୱ ପରିବର୍ତ୍ତନ ଦାବିରେ ହିତାଧିକାରୀ ସଂଘର ସତ୍ୟାଗ୍ରହ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ନଜୁଲ ପଟ୍ଟାଦାର ସତ୍ତ୍ୱକୁ ରୟତି ସତ୍ତ୍ୱ ସତ୍ତ୍ୱରେ ପରିବର୍ତ୍ତନ ଦାବି କରିଛି ହିତାଧିକାରୀ ସଂଘ । କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଶତାଧିକ ପଟ୍ଟାଧାରୀ ଧାରଣା ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ । ପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଆନ୍ଦୋଳନକାରୀ ମାନେ କହିବା ଅନୁସାରେ ସେମାନେ ଯାହା ଦାବି କରୁଛନ୍ତି ତାହା ଆଇନ୍‌ରେ ଅଛି । ପ୍ରଶାସନକୁ ଅନେକ ଥର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ । ଯାହାଦ୍ୱାରା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଦାବି ପୂରଣ ନହେଲେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀ ସୂଚନା ଦେଇଛନ୍ତି । ଏହି ଆନ୍ଦୋଳନକୁ କଣ୍ଟାବାଞ୍ଜି ଓକିଲ ସଂଘ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ନିଜର ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ଆନ୍ଦୋଳନରେ ମୁରଲିଲାଲ ଅଗ୍ରୱାଲ, କୁଞ୍ଜବିହାରୀ ବେହେରା, ରାଜୁ ଅଗ୍ରୱାଲ, ରାଜେଶ ବର୍ମା, ଯୁବନେତା ଆଶିଷ ଖୈତାନ, ଅମରଚନ୍ଦ ଶର୍ମା, ପ୍ୟାରେଲାଲ ଜାଙ୍ଗଡା, ପ୍ରଭଜିତ ସିଂ ସାଲୁଜା, ରାଜୁ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଶଙ୍କର ଅଗ୍ରୱାଲ, ସୁଧୀର ପୁଟେଲ, ପ୍ରେମ ଶର୍ମା, ନୀଲେଶ ଡାଭେ, ବିଜୟ ଶର୍ମା, ସୁନୀଲ ଅଗ୍ରୱାଲ, ସମିମ ଖାଁ, ମମତା ଡାଲମିଆ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ଶର୍ମା, ସମିମ ଖାଁ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।



# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କ୍ୟାମ୍ପସ୍ ଉଦ୍ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମ୍ମୁ କାଶ୍ମୀରରୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି । ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ଉଦ୍‌ଘାଟନ ଉତ୍ସବ ପୂର୍ବରୁ ବରେଣ୍ୟ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ଜ୍ୱଳିତ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଡି ହୋଇ ବିଦ୍ୟାଳୟର ନୂତନ କ୍ୟାମ୍ପସକୁ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଆଜକୁ ଦୀର୍ଘ ଦଶନ୍ଧିରୁ ଅଧିକ ହେଲା ବିଦ୍ୟାଳୟ ଜିଲ୍ଲା ପ୍ରଶାସନ ଯୋଗାଇ ଦେଇଥିବା ଏକ ଅସ୍ଥାୟୀ କ୍ୟାମ୍ପସରେ ଚାଲୁଥିଲା । ତେବେ ନୂତନ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ସୃଷ୍ଟି କରାଯିବା ପରେ ତାର ଶୁଭ ଉଦ୍‌ଘାଟନ କରାଯାଇଛି । ଏହି ନୂତନ କ୍ୟାମ୍ପସ୍ ଯୋଗୁଁ ଛାତ୍ରଛାତ୍ରୀ ମହଲରେ ବେଶ୍ ଉତ୍ସାହ ଦେଖାଦେଇଛି । ତେବେ ପ୍ରାୟ ୯୦ ପ୍ରତିଶତ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ କରାଯାଇଥିବା ବେଳେ ବିଦ୍ୟାଳୟର ଖେଳ ପଡ଼ିଆର ଉନ୍ନତି କରଣ, ପ୍ରାଥମିକ ଶିକ୍ଷାର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଦ୍ୟାଳୟ ବଗିଚା, ସମ୍ମିଳନୀ କକ୍ଷ, ଖେଳ ପଡିଆ ଆଦିର ବିକାଶ କରିବା ପାଇଁ ଅଭିଭାବକ ମାନେ ସାଂସଦଙ୍କ ପାଖରେ ଦାବି ରଖିଥିଲେ । ସାଂସଦ ବିଦ୍ୟାଳୟ ପରିଦର୍ଶନ କରି ଅଭିଭାବକଙ୍କ ଦାବିକୁ ପୂରଣ କରାଯିବ ବୋଲି କହିଛନ୍ତି ।



# କେନ୍ଦ୍ରାପଡ଼ା ଜିଲ୍ଲାରେ ୧୦,୧୫୦ ସିକିମ୍ ସତ୍ତ୍ୱଧାରୀ ଉପକୃତ ହେବେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସିକିମ୍ ସତ୍ତ୍ୱଧାରୀଙ୍କୁ ଆଭାସୀ ଯୋଗେ ସ୍ଥିତିବାନ ପଟ୍ଟା ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଠାରେ ଆୟୋଜିତ ପଟ୍ଟା ବଣ୍ଟନ ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଅନୁମତିକ୍ରମେ ସିକିମ୍ ସତ୍ତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ସମୟରେ ସର୍ବପ୍ରଥମେ ଏହି ସିକିମ୍ ଜମି ସମସ୍ୟା ନେଇ ଅଭିଯୋଗ ପାଇଥିଲେ । ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଅଲୋଚନା ପରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ଭୂ-ସଂସ୍କାର ଆଇନ୍ ୧୯୬୦ରେ ଆବଶ୍ୟକୀୟ ସଂଶୋଧନ ଆଣିବା ପାଇଁ । ଫଳ ସ୍ୱରୂପ ରାଜ୍ୟ ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ଯୋଗୁଁ ଆଜି ରାଜ୍ୟର ୨.୫୪ ଲକ୍ଷ ସିକିମ୍ ସତ୍ତ୍ୱଧାରୀ ଉପକୃତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦, ୧୫୦ ସିକିମ୍ ସତ୍ତ୍ୱଧାରୀ ଉପକୃତ ହେବେ । ସିକିମ ସତ୍ତ୍ୱଧାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବା ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଏହି ଚାଷୀମାନେ ସରକାରୀ ସୁବିଧା ସୁଯୋଗ ପାଇବା ସହ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପାଇବେ । ରାଜ୍ୟ ସରକାରଙ୍କର ଏହି ଲୋକାଭିମୁଖୀ ପଦକ୍ଷେପକୁ ସବୁ ମହଲରେ ଭୂୟସୀ ପ୍ରଶଂସା କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ସିକିମ୍ ସତ୍ତ୍ୱଧାରୀମାନେ ହୃଦୟର ସହ ଏହାକୁ ସ୍ୱାଗତ କରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଅନୁମତିକ୍ରମେ ସମାରୋହରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୧୧୮ଜଣ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯାଇଛି । ଏହି ଲୋକାଭିମୁଖୀ ପଦକ୍ଷେପ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ୍ ୬୮,୪୩୩ ଜଣ ଅଧିବାସୀ ଉପକୃତ ହେବେ । ଆଗାମୀ ଦିନରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିକିମ୍ ଚାଷୀଙ୍କର ସମସ୍ତ ମାମଲା ଅଗ୍ରାଧିକାର ଭିତ୍ତିରେ ଫଇସଲା କରି ସେମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି । ଏହି ପଟ୍ଟାବଣ୍ଟନ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ଶିବାଶିଷ ପରିଡ଼ା, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ସିକିମ ସ୍ୱତ୍ୱାଧିକାରୀ ଚାଷୀ, ରାଜସ୍ୱ ବିଭାଗ ତଥା ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



# ମହିୟସୀ ମହିଳାଙ୍କ ବିୟୋଗରେ ଶୋକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉଦଳା ନିବାସୀ ଖ୍ୟାତନାମା ଓକିଲ ସ୍ୱର୍ଗତ ସଚ୍ଚିଦାନନ୍ଦ ଦାସଙ୍କ ପତ୍ନୀ କାଦମ୍ବିନୀ ଦାସ ଗତ ସରସ୍ୱତୀ ପୂଜା ୧୪ ତାରିଖରେ ୯୧ ବର୍ଷ ବୟସରେ ଭୁବନେଶ୍ୱରର ନୀଳାଚଳ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ଜଣେ ସମାଜସେବୀ, ପରୋପକାରୀ ଓ ସ୍ନେହୀ ମହିଳା ଭାବରେ ସେ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ଦୁଇ ପୁତ୍ର ଅମରେଶ (ଷ୍ଟେଟ୍ ବ୍ୟାଙ୍କ ଏଜିଏମ ପିଆର୍), ସମରେଶ ଓ ଅନ୍ୟ ପରିବାରବର୍ଗଙ୍କ ସମେତ ସମସ୍ତ ଅଞ୍ଚଳବାସୀ ମର୍ମାହତ ସମସ୍ତେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି ।

# ସୋଆ ପକ୍ଷରୁ କୃଷି ଗବେଷଣାରେ ସାମ୍ପ୍ରତିକ ବିକାଶ ସମ୍ପର୍କିତ ପୁସ୍ତକ ପ୍ରକାଶିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କୃଷି ଏବଂ ଏହାର ସହଯୋଗୀ କ୍ଷେତ୍ରରେ ଗବେଷଣା ଓ ସାମ୍ପ୍ରତିକ ବିକାଶକୁ ନେଇ 'ଫୁଡ୍ ଆଣ୍ଡ ଲାଇଭ୍‌ଲିହୁଡ୍ ଚ୍ୟାଲେସେ୍ ଆଣ୍ଡ ଅପର୍ଚୁନିଟିଜ' ଶୀର୍ଷକ ଏକ ପୁସ୍ତକ ମଙ୍ଗଳବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ପୁସ୍ତକଟି ମିଳିତ ଭାବରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ନୂଆଦିଲ୍ଲୀର ନିପା ଜେନ୍‌ଏକ୍ସ ଇଲେକ୍ଟ୍ରୋନିକ୍ ରିସୋର୍ସେସ୍ ଆଣ୍ଡ ସଲ୍ୟୁସନ୍‌ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ପ୍ରକାଶିତ କରାଯାଇଛି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଏହି ପୁସ୍ତକ ହେଉଛି ପ୍ରଥମ ବୈଷୟିକ ପ୍ରକାଶନ । ଏହି ପୁସ୍ତକରେ ବିଭିନ୍ନ ଜାତୀୟ ଗବେଷଣା ଅନୁଷ୍ଠାନ ସମେତ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ଏଗ୍ରିକଲ୍‌ଚରାଲ୍ ରିସର୍ଚ୍ଚ (ଆଇସିଏଆର୍)ର ଖ୍ୟାତିସମ୍ପନ୍ନ ଲେଖକମାନେ ସେମାନଙ୍କ ନିଜ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଛନ୍ତି । ପୁସ୍ତକ ଉନ୍ମୋଚନ ସମୟରେ ସୋଆ କୁଳପତି ପ୍ରଫେସର ପ୍ରଦୀପ କୁମାର ନନ୍ଦ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଆଇଏଏସ୍ ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ଏବଂ ଆଇଏଏସ୍‌ର ପ୍ରଫେସର ଏନ୍.କେ .ଧଳ ଓ ପ୍ରଫେସର ସରୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ ।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୩।୨।୨୦୨୪, ଫାଲ୍‌ଗୁନ ଦ୧୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୬।୧୨।୦୫ ଚନ୍ଦ୍ରୋଦୟ- ଦିଘ ୪।୫୬।୦୩**

ଚତୁର୍ଦ୍ଦଶୀ ଦିଘ ୩।୩୪ ପର୍ଯ୍ୟନ୍ତ । ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର- ସଂଘ ୭।୨୫ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ସଂଘ ୭।୨୫ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସଂଘ ୭।୨୫ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୩।୩୪ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୫ ଗତେ ଘ ୭।୦୧ ମଧ୍ୟେ । ଦିଘ ୧୨।୨୩ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ -** ପୂର୍ଣ୍ଣମା ବିହିତ ଚନ୍ଦ୍ରୋପବାସ ।


**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଶତ୍ରୁ ନାଶ ହେବେ । ମନସ୍କାମନା ପୂରଣ ହେବ ।


**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ରୋଜଗାର ଭଲ ହେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୃହେ ଆନନ୍ଦ ।


**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।


**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।


**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।


**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।


**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ହେବ ।


**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ବଜାୟ ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।


**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ । ଶରୀର ସୁସ୍ଥ ରହିବ ।


**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।


**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ପୂର୍ବ ପରି ସ୍ଥିର ରହବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ ।


**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଲାଗିଥିବା ବିବାଦରେ ବିଜୟୀ ହେବେ । ଆୟ ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

# ରାଜସ୍ୱ କ୍ଷେତ୍ରାଧିକାରୀଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା ଓ ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ରାଜସ୍ୱ କ୍ଷେତ୍ରାଧିକାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁଥିବାରୁ ମଙ୍ଗଳବାର ସଭାପତି ଜାନକୀ ବଲ୍ଲଭ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ମୁଖ୍ୟତଃ କ୍ୟାଡର ପୁର୍ନଗଠନ ଓ ରାଜସ୍ୱ ନିରୀକ୍ଷକ ମଣ୍ଡଳ ପାଇଁ ଗ୍ରୁପ -ଡି ପୋଷ୍ଟ ଗୁଡିକ ପୂରଣ କରାଯିବା ଆଦି ୬ ଦଫା ଦାବି ଗୁଡିକ ରହିଛି । ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଦାବି ଗୁଡିକ ପୂରଣ ନହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ରାଜସ୍ୱ କ୍ଷେତ୍ରାଧିକାରୀ ସଂଘ ପକ୍ଷରୁ ପ୍ରକାଶ ପାଇଛି । ଏହି ଆଲୋଚନା ଓ ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ମନୀଷା ପ୍ରିୟଦର୍ଶିନୀ ଷଡଙ୍ଗୀ, ସମ୍ପାଦକ ରଞ୍ଜିତ କୁମାର ସାହୁ, କୋଷାଧ୍ୟକ୍ଷ ଦୀପକ କୁମାର ଦାସଙ୍କ ସହ ଶକ୍ତି ପ୍ରସାଦ ରଥ, ଅନନ୍ତ କୁମାର ମହାରଣା, ରାଜଶ୍ରୀ ପ୍ରଧାମ, ପୁଷ୍ପଲତା ମହାପାତ୍ର, ପବିତ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଗୁଡ଼ିଗୁଡ଼ିକ ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୮ • ୨୩ ଫେବୃୟାରୀ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -31 • Issue-28 • 23rd February 2024, Friday • Bhubaneswar

Licensed to post without pre-payment of postage No- BN-60/22-24


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଆକ୍ୱାଟିକ୍ସ ଚାମ୍ପିଅନସିପ ପ୍ରଦର୍ଶନ ପାଇଁ ସନ୍ତରଣକାରୀ ମନ୍ନତା ମିଶ୍ରଙ୍କୁ ଅଭିନନ୍ଦନ ଜଣାଉଛନ୍ତି।








ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରାମହରି ମିଶ୍ରଙ୍କ ୯୦ତମ ଜନ୍ମଜୟନ୍ତୀ ଅବସରରେ 'ସମ୍ବାଦ କଳିକା' ଏବଂ 'କଥା କଳିକା' ପରିବାରର ସଶ୍ରଦ୍ଧ ପ୍ରଣାମ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


### ରାଜ୍ୟ କ୍ୟାବିନେଟ ବୈଠକରେ ୧୬ ପ୍ରସ୍ତାବ ଉପରେ ବାଜିଲା ମୋହର

## ଆଉ ୩ ବର୍ଷ ବଢ଼ିଲା କାଳିଆ ଯୋଜନା

**ଭୁବନେଶ୍ୱର, ୨୨।୨**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର କୃଷକମାନଙ୍କ ଉନ୍ନତି ସାଧନ ଓ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ୨୦୧୮–୧୯ ମସିହାରୁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇ ଆସୁଥିବା କାଳିଆ ସହାୟତା ଯୋଜନାର ଅବଧିକୁ ଆଉ ୩ ବର୍ଷ ପାଇଁ ଅର୍ଥାତ୍ ୨୦୨୬–୨୭ ପର୍ଯ୍ୟନ୍ତ ବୃଦ୍ଧି କରିବା ସଂକ୍ରାନ୍ତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ବୈଠକରେ ୧୩ ଟି ବିଭାଗର ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

କ୍ୟାବିନେଟ୍ ***(ଭିତର ପୃଷ୍ଠାରେ)***

## ଶିକ୍ଷା ହିଁ ଗୋଟିଏ ଜାତିର ଚେତନାରେ ପରିବର୍ତ୍ତନ ଆଣିଥାଏ

**ଭୁବନେଶ୍ୱର, ୨୨।୨**

**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲରେ ୫୭୬ ଜଣ ହିନ୍ଦି ଓ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୩୬୮ ଜଣ ହିନ୍ଦି ଓ ୨୦୮ ଜଣ ସଂସ୍କୃତ ଶିକ୍ଷକ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରରେ ଏକ ନିଯୁକ୍ତି ପର୍ବର ଆୟୋଜନ ସହିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଏହି ଅବସରରେ ନୂତନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଶିକ୍ଷା ଗୋଟିଏ ଜାତିର ଚିନ୍ତା, ଚେତନାରେ ପରିବର୍ତ୍ତନ ଆଣିଥାଏ। ଛାତ୍ରଛାତ୍ରୀଙ୍କୁ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥାଏ। ପିଲାମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ ଦିଗରେ ଅନୁପ୍ରାଣିତ କରିବାକୁ ସେ କହିଥିଲେ। ଏହାସହିତ ନିଜର ଜ୍ଞାନ ଓ ମୂଲ୍ୟବୋଧ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବା ନିମନ୍ତେ ମଧ୍ୟ ସେ ପରାମର୍ଶ ଦେଇଥିଲେ।

ଏହି ଲକ୍ଷ୍ୟ ନେଇ ଆମର ୫–ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜାରି ରହିଛି ବୋଲି ପ୍ରକାଶ କରି ସେ କହିଲେ ଯେ ଏହାଦ୍ୱାରା ରାଜ୍ୟର ସ୍କୁଲ ଗୁଡ଼ିକର ଭିତ୍ତିଭୂମି ଓ ପରିବେଶରେ ସମ୍ପୂର୍ଣ୍ଣ ରୂପାନ୍ତର ଆସିଛି। ରାଜ୍ୟର ସମସ୍ତ ***(ଭିତର ପୃଷ୍ଠାରେ)***



# କେୱାଇସି ପ୍ରକ୍ରିୟାର ଡିଜିଟାଲିକରଣ ହେବ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦର ୨୮ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଘରୋଇ ଏବଂ ବିଶ୍ୱର ଅର୍ଥନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅର୍ଥନୈତିକ ସ୍ଥିରତା ଏବଂ ଏହାର ମୁକାବିଲା ପାଇଁ ଭାରତର ପ୍ରସ୍ତୁତି ବିଷୟରେ ସମୀକ୍ଷା କରାଯାଇଥିଲା।

ଏହି ବୈଠକରେ କେନ୍ଦ୍ର ବଜେଟରେ କରାଯାଇଥିବା ଘୋଷଣାଗୁଡ଼ିକର କାର୍ଯ୍ୟକାରିତା ଏବଂ ଏଫ୍‌ଏସଡିସିର ପୂର୍ବ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ରଣନୀତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୟୁନିଫର୍ମ କେୱାଇସି (ୟୁନିଫର୍ମ କେୱାଇସି ନିୟମ ନିର୍ଦ୍ଧାରଣ) ମାନଦଣ୍ଡ ସ୍ଥିର କରିବା ସହିତ ସମଗ୍ର ଆର୍ଥିକ କ୍ଷେତ୍ରରେ କେୱାଇସି ରେକର୍ଡର ଆନ୍ତଃ ବ୍ୟବହାରଯୋଗ୍ୟତା ଏବଂ କେୱାଇସି ପ୍ରକ୍ରିୟାର ସରଳୀକରଣ ଏବଂ ଡିଜିଟାଇଜେସନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାମାଜିକ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ସାମାଜିକ ଉଦ୍ୟୋଗଗୁଡିକ ଦ୍ୱାରା ପାଣ୍ଠି ସଂଗ୍ରହ ଆରମ୍ଭ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଅନ୍‌ଲାଇନ୍ ଆପ୍ ଜରିଆରେ ଦିଆଯାଉଥିବା ବେଆଇନ ଋଣ କ୍ଷତିକୁ ରୋକିବା ସହ ଏହାକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ଏଫ୍‌ଏସଡିସିର ସଦସ୍ୟମାନେ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ଆର୍ଥିକ ସ୍ଥିରତା ପଥରେ ଉପୁଜିଥିବା ବିପଦକୁ ଚିହ୍ନଟ କରି ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ


ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ଭରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର
(୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୬



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମୁଁ ଏହି ବଂଶକୁ ବଧୂଭାବରେ ପ୍ରବେଶ କରିବା ପରେ ଜୀବନରେ ସାମାନ୍ୟତମ ସୁଖ ଭୋଗ କ'ଣ ଜାଣିନି। ମୋ ଭଳି ଜଣେ ଯୁବତୀକୁ ଏ ବୃଦ୍ଧ ଦଶରଥ ନିଜର ବଳ, ଦର୍ପ, ଅହଙ୍କାରରେ ମଦମତ୍ତ ହୋଇ ମୋର ପିତା ଓ ଭ୍ରାତାଙ୍କୁ ମୁଣ୍ଡ ଯାମିନୀ ରଖି ବଳପୂର୍ବକ ମୋତେ ହରଣ କରି ଯେପରି ବିବାହ କଲେ ତାହର ପରିଣାମ ସେ ନିଶ୍ଚୟ ଦିନେ ନା ଦିନେ ଭୋଗ କରିବେ ବୋଲି ସେଦିନ ମୁଁ ନିଶ୍ଚିତ ହୋଇ ଯାଇଥିଲି। ମୁଁ ଜଣେ ନାରୀ। କେବଳ ସେତିକି ନୁହେଁ, ମୁଁ ଜଣେ ବୀରାଙ୍ଗନା, ମୋର ବି ଗୋଟାଏ ମନ ଅଛି। ମୁଁ ଚାହିଁଥିଲି ଜଣେ ସୁଠାମ, ସୁନ୍ଦର ଯୁବକ ସହିତ ସଂସାର କରିବି। ଯୁବ ପ୍ରାଣର ଉଦ୍ଦାମତା, ରସାଣିତ ସମ୍ଭୋଗର ପରିପୂର୍ଣ୍ଣତା ମୋ ଜୀବନଟାକୁ ଗୋଟାଏ ରସୋଚ୍ଛ୍ୱଳ ତରଙ୍ଗରେ ତରଙ୍ଗାୟିତ ହୋଇ ମୋ ଜୀବନର ନୌକା ଦୂର ଦିଗ୍‌ବଳୟର ସ୍ୱର୍ଣ୍ଣାଭ ଦିଗନ୍ତକୁ। କେବଳ ମୁଁ ନୁହେଁ, ଏ ସଂସାରରେ ଜନ୍ମ ନେଇଥିବା ମୋ ଭଳି ଯେତେ ନାରୀ ଅଛନ୍ତି ସମସ୍ତଙ୍କର ଏହି ଅଭିପ୍ସା ରହିଥାଏ। କିନ୍ତୁ ଧନ ଗର୍ବ, ବାହୁବଳ ପ୍ରୟୋଗ ପୂର୍ବକ ଯେଉଁ ଯୁବକ ଅନୁଢ଼ା ଯୁବତୀକୁ ଅଙ୍କଶାୟିତୀ କରିବାକୁ ଚାହେଁ, ସେ ପ୍ରକୃତ ପ୍ରେମର ସ୍ୱାଦରୁ ବଞ୍ଚିତ ହୋଇଥାଏ। ବାହୁବଳ, ଅହଙ୍କାର, ଦର୍ପିତ ସ୍ପର୍ଦ୍ଧାକୁ ଅପବ୍ୟବହାର କରି ଯଦି କୌଣସି ନାରୀକୁ କେହି ପ୍ରେମ ଭିକ୍ଷା କରେ ସେ ଗୋଟାଏ ନିର୍ଲ୍ଲଜ, ହୀନବୀର୍ଯ୍ୟ କାପୁରୁଷ ସହିତ ସମାନ ହୋଇଥାଏ। ବଳ, ବୁଦ୍ଧି, ବିଦ୍ୟା, ଧନ, ଅବଶ୍ୟ ପ୍ରତ୍ୟେକ ପୁରୁଷ ରହିବା ଅତ୍ୟନ୍ତ ଜରୁରୀ, କିନ୍ତୁ ଜଣେ ନାରୀ ନିକଟରେ ପ୍ରେମର ପରିପୂର୍ଣ୍ଣତା ପାଇବାକୁ ହେଲେ ପୁରୁଷର ଦୈହିକ କ୍ଷମତା, ସାମର୍ଥ୍ୟ ଓ ପ୍ରତିଭାର ଆବଶ୍ୟକ ରହିଥାଏ। ଯାହା ଏ ବୃଦ୍ଧ ଦଶରଥଙ୍କ ନିକଟରେ ନାହିଁ। ଏହାଙ୍କ ରାଣୀହଂସ ପୁରରେ ସାତସହ ରାଣୀ, କିନ୍ତୁ କୌଣସି ଜଣେ ହେଲେ ନାରୀ ଏହାଙ୍କ ସାମର୍ଥ୍ୟ ଓ ଦକ୍ଷତାରେ ସନ୍ତୁଷ୍ଟ ଥିବା ପରି ଲାଗନ୍ତି ନାହିଁ। ପୁରୁଷର ଶାରିରୀକ କ୍ଷମତା, ବ୍ୟବହାର, ସମ୍ଭୋଗ କରିବାର ବିସୁଖତା ପ୍ରଦର୍ଶନ କଲେ ନାରୀ ହୁଏ ବିପଥଗାମୀ, ସମାଜରେ କଳଙ୍କର ବୋଝ ବହନ କରିବା ପାଇଁ ବାଧ୍ୟହୁଏ। ସେଥିପାଇଁ ନାରୀ ଯେତିକି ଦାୟୀ ନୁହେଁ, ପୁରୁଷର ଅକ୍ଷମତାହିଁ ପ୍ରକୃତ ଦାୟୀ। ଯେଉଁ ଦିନ ଏ ବୃଦ୍ଧ ଦଶରଥ ମୋତେ ବଳ ପୂର୍ବକ ବିବାହ କଲେ ଏବଂ ସେଦିନ ମୋ ଆଖିରୁ ଯେଉଁ ଅଶ୍ରୁପାତ ହେଲା, ତାକୁ ଭାଷାରେ ପରିପ୍ରକାଶ କରିବା ପାଇଁ ଏ ପୃଥିବୀର ସମସ୍ତ ଭାଷା ଗୁଡିକ ଅସ୍ତିତ୍ୱ ହରାଇ ବସିଥିଲେ। ବିବାହ ପରେ ମଧ୍ୟ ଶଯ୍ୟା ରାତ୍ରିଠାରୁ ମୋ ଆଖିରୁ ଯେଉଁ ଲୋତକ ବହିଲା, ତାହା ବହି ଚାଲିଲା ଅନବରତ। (କ୍ରମଶଃ)

# ପବିତ୍ର ମାଘ ମାସର ମାହାତ୍ମ୍ୟ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ପବିତ୍ର ମାଘ ମାସର ମାହାତ୍ମ୍ୟ ସନାତନ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରଖିଥାଏ। ଦାନ, ଧର୍ମ, ପାରାୟଣ, ସ୍ନାନ, ଜପ, ତପ ଓ ଆରାଧନା ପ୍ରଭୃତି ବିଧି ବିଧାନ ଏମାସର ନିଆରା ବୈଶିଷ୍ଟ୍ୟ ରଖିଛି। ବହୁ ଚର୍ଚ୍ଚିତ ତଥା ଏକ ପ୍ରାଚୀନ ଲୋକୋକ୍ତି ଯାହା ଓଡ଼ିଆ ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜିବୀତ କରିଥାଏ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ନଦୀ, ପୋଖରୀ ଓ ଜଳାଶ୍ରୟ ମାନଙ୍କରେ ଡଙ୍ଗା ଭସାଇବା ସମୟରେ ଉଚ୍ଚାରଣ କରିଥାନ୍ତି -

'ଆ.କା.ମା. ବୈ
ପାନ. ଗୁଆ ଥୋଇ
ପାନଗୁଆ ତୋର
ମାସକ ଧର୍ମ ମୋର'

ଗବେଷକମାନଙ୍କ ମତରେ ଆ.କା.ମା.ବୈ ଅକ୍ଷରର ଅର୍ଥ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସ ଯାହା ଅତ୍ୟନ୍ତ ପୂଣ୍ୟ ମାସ ରୂପେ ବିବେଚନା କରାଯାଏ। କହିବା ବାହୁଲ୍ୟ ଏହି ପୂଣ୍ୟ ଧର୍ମପ୍ରାଣ ବ୍ୟକ୍ତିମାନେ ବିଭିନ୍ନ ବ୍ରତ ରଖିଥାନ୍ତି। ଅନେକ ଓଷା, ଉପବାସ ଓ ପ୍ରାର୍ଥନା ପ୍ରଭୃତି କରିବାର ବ୍ୟବସ୍ଥା ଏହି ମାସରେ ମାନ୍ୟତା ମିଳିଛି। ଭାରତ ବର୍ଷର ବିଭିନ୍ନ ପ୍ରାଦେଶିକ ସାହିତ୍ୟ ସମେତ ଓଡ଼ିଆ ସାହିତ୍ୟରେ ମାଘ ମାସର ସୁନ୍ଦର ଓ ମନୋଜ୍ଞ ବର୍ଣ୍ଣନା ଦେଖିବାକୁ ମିଳେ। ଶୀତଋତୁର ଅନ୍ତିମ ମାସ ମାଘ, ଏସମୟରେ ପ୍ରବଳ ଶୀତ ଲହରି ଜନ-ଜୀବନକୁ ଅସ୍ତବ୍ୟସ୍ତ କରି ଦେଇଥାଏ। ଶୀତର ପ୍ରବଳ ପ୍ରକୋପକୁ ଲକ୍ଷ୍ୟ କରି ଓଡ଼ିଆ ଲୋକ କଥାରେ ଉଲ୍ଲେଖ ଅଛି-'ମାଘରେ ଶୀତ ବାଘ ପରି' । ମାଘ ଓ ଶୀତର ସଂପର୍କ ଅତି ନିବିଡ। ଓଡ଼ିଆ ଲୋକ କଥାରେ ପ୍ରଚଳିତ ଅଛି ସୁଯୋଗ ଓ ଦୁର୍ଯୋଗ ଜୀବନରେ କେବେ ଥରେ ଆସେନାହିଁ ତେଣୁ ଏହି ମର୍ମରେ ଉଲ୍ଲେଖ ଅଛି- 'ଏକା ମାଘକେ ଶୀତ ଯାଏ ନାହିଁ' ମାଘ ମାସରେ ଶୀତ ସଂପର୍କିତ ଅନେକ କବିତା ଓଡ଼ିଆ କବିମାନେ ନିଜସ୍ୱ କାଳଜୟୀ ସାହିତ୍ୟ କୃତିରେ ସ୍ଥାନ ଦେଇଛନ୍ତି। ଓଡ଼ିଆ ସାହିତ୍ୟର ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ସାଧକ ଭକ୍ତକବି ମଧୁସୂଦନ ରାଓ ସ୍ୱରଚିତ ବାରମାସୀ କବିତାର ଏକ ପଂକ୍ତିରେ ମାଘ ମାସ ଓ ଶୀତ କଥାକୁ ସ୍ଥାନିତ କରିଛନ୍ତି। ତାଙ୍କ ଭାଷାରେ-

**'ଶୀତରେ ପୌଷ ମାଘ ମାସ.
ଦେହରେ ରଖ ଶୀତ ବାସ''।।**

'ବାରମାସୀ କୋଇଲି'ର ରଚୟତା ଶଙ୍କର ଦାସ ନିଜ ରଚନାରେ ମାଘ ମାସ ଓ ଶୀତ ସଂପର୍କରେ ଉଲ୍ଲେଖ କରିଛନ୍ତି। ମର୍ଯ୍ୟଦା ପୁରୁଷ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ବନମାସ ସମୟରେ ମାଘ ମାସ କିପରି ବିତାଉଥିବେ ଏକଥାକୁ ମାତା କୌଶଲ୍ୟାଙ୍କ କଣ୍ଠରେ ବର୍ଣ୍ଣ କରିଛନ୍ତି ଶଙ୍କର ଦାସ। ଶଙ୍କର ଦାସଙ୍କ ବର୍ଣ୍ଣନାରେ ଉଲ୍ଲେଖ ଅଛି-

**'ମାଘରେ ତହିଁ ଅଧିକ, ଗରିବ
ଦୁଃଖ ଦାୟକ
ଅମୂଲ୍ୟ ସୁପାଟି ତେଜି ରଘୁପତି
ବୁଲଇ କାନନ ଯାକ**

କୋଇଲି ଶୁଣ ଲୋ ମଧ୍ୟଯୁଗ ଓଡ଼ିଶାର ପଞ୍ଚସିଖା ଧାର୍ମିକ ସାହିତ୍ୟର ଅନ୍ୟତମ ଯୁଗ ସ୍ରଷ୍ଟା ଶ୍ରୀ ଅଚ୍ୟୁତା ନନ୍ଦ ମହାପ୍ରଭୁ ସ୍ୱରଚିତ 'ଗୋପାଳଙ୍କ ଓଗାଳ'ରେ ବାରମାସର ମହିମା ମଣ୍ଡନ କରିଛନ୍ତି। ସେଥିରେ ସେ ମାଘ ମାସକୁ ଅତି ସୁନ୍ଦର ଶୈଳିରେ ଉପସ୍ଥାପନ କରିଛନ୍ତି। ତାଙ୍କ ରଚନାରେ ଉଲ୍ଲେଖ ଅଛି-

**'ମାଘରେ ମାଘୋଇ ଆସିବେ ବୋଲି
ଶେଯ ସଜାଇଲି ପାଖୁଡା ମଲ୍ଲୀ
ବତୀ ଜାଳୁଥିଲି ମାଣିକ ବତୀ
ଚକ୍ଷୁ ଉଜାଗରେ ପାହିଲା ରାତି'।।**

ମାଘ ମାସର ଧାର୍ମିକ ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମନ୍ଦିରରେ ମାଘ ମାସ ଅବସରରେ ଶ୍ରୀ ଜୀଉ ମାନଙ୍କର ସ୍ୱତନ୍ତ୍ର ନୀତିକାନ୍ତି ପ୍ରଚଳନ କରାଯାଏ। ପୁଷ୍ୟାଭିଷେକ ଓ ରାଜ୍ୟାଭିଷେକ ନୀତି ଏହି ସମୟରେ ଶ୍ରୀମନ୍ଦିରରେ ପାଳିତ ହୁଏ। ମାଘ କୃଷ୍ଣପକ୍ଷ ଚତୁର୍ଥୀ ସଂକଟ ଚତୁର୍ଥୀ ନାମରେ କଥିତ। ଏହି ଦିନ ଶ୍ରଦ୍ଧାଳୁମାନେ ସଂକଟ ଚତୁର୍ଥୀ ବ୍ରତ ପାଳନ କରନ୍ତି।

ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ଷଟତିଳା ଏକାଦଶୀ ନାମରେ ଖ୍ୟାତ। ଏହି ଦିନ ବ୍ରହ୍ମଦର୍ଶୀ ସନ୍ଥ ଅରକ୍ଷିତ ଦାସଙ୍କ ମହା ପ୍ରୟାଣ ଘଟିଥିଲା। ଏହି ଅବସରରେ ସନ୍ଥ ଅରକ୍ଷିତ ଦାସଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠ ଓଳାଷୁଣୀରେ ଯାତ୍ରା ଆୟୋଜିତ ହୁଏ। ମାଘ ତ୍ରିବେଣୀ ଅମାବାସ୍ୟା ହିନ୍ଦୁଧର୍ମଶାସ୍ତ୍ରରେ ଏକ ପବିତ୍ର ଦିବସ ରୂପେ ବିବେଚନା କରାଯାଏ। ଏହି ଅବସରରେ ହିନ୍ଦୁଧର୍ମରେ ବିଶ୍ୱାସ ରୂପେ ବିବେଚନା କରାଯାଏ। ଏହି ଅବସରର ହିନ୍ଦୁଧର୍ମରେ ବିଶ୍ୱାସ ରଖିଥିବା ଧର୍ମପ୍ରାଣ ବ୍ୟକ୍ତିମାନେ ବିଭିନ୍ନ ନଦୀ, ପୁଷ୍କରଣୀ ଓ ଜଳାଶ୍ରୟ ମାନଙ୍କରେ ପବିତ୍ର ମାଘ ବୁଡ ପକାଇଥାନ୍ତି।

ପୂଣ୍ୟତୋୟା ବୈତରଣୀ ନଦୀ କୂଳରେ ଅବସ୍ଥିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ଦେବୀଙ୍କ ପୂଣ୍ୟ ଜନ୍ମୋତ୍ସବ ପାଳିତ ହୁଏ ମାଘ ତ୍ରିବେଣୀ ଅମାବାସ୍ୟା ଅବସରରେ। ଉତ୍କଳୀୟ ବୈଷ୍ଣବ ପରମ୍ପରାର ଅନ୍ୟତମ ସିଦ୍ଧ ସାଧକ ଯୋଗଜନ୍ମା ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କର ପୂଣ୍ୟ ଜୟନ୍ତୀ ମାଘ ତ୍ରିବେଣୀ ଅମାବାସ୍ୟା। ଏହି ପରିପ୍ରେକ୍ଷୀରେ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କର ସିଦ୍ଧି, ସାଧନା ଓ ସମାଧିପୀଠ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଶାନ୍ତି ଆନନ୍ଦାଶ୍ରମ କରମଳା ଠାରେ ଏକ ସପ୍ତାହ ବ୍ୟାପି ଜନ୍ମ-ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳନ କରାଯାଏ। ଛତିଆ ବଟର ମହନ୍ତ ସିଦ୍ଧ ସାଧକ ହାଡୁଦାସ (୧୮୭୨-୧୯୪୭)। କରମଳା ଶାନ୍ତି ଆନନ୍ଦାଶ୍ରମର ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ (୧୯୦୪-୧୯୬୩) ଓ ଜଳୌକା ଆନନ୍ଦ ଧାମର ବ୍ରହ୍ମଲୀନ ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ (୧୯୧୨-୨୦୦୧)ଙ୍କ ମଧ୍ୟରେ ଥିଲା ଆତ୍ମିକ ଓ ଆଧାତ୍ମିକ ସଂପର୍କ। ମାଘମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଭୂମିଷ୍ଠ ହୋଇଥିଲେ ଯଶସ୍ୱୀ ସିଦ୍ଧଯୋଗୀ ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ। ତେଣୁ ମାଘଖ୍ୟାତ, ମାସର ମହତ୍ତ୍ୱ ସ୍ୱତନ୍ତ୍ର। ମାଘ ଶୁକ୍ଳପଞ୍ଚମୀ ଶ୍ରୀ ପଞ୍ଚମୀ ନାମରେ ଏହିଦିନ ବିଦ୍ୟାର୍ଥୀ ମାନେ ବିଦ୍ୟାଦାତ୍ରୀ ବାକ୍ ଦେବୀ ମା' ସରସ୍ୱତୀଙ୍କୁ ବିଦ୍ୟାଳୟ ମାନଙ୍କରେ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କରିଥାନ୍ତି।

ଶ୍ରୀ ପଞ୍ଚମୀ ଦିନ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀ ଜୀଉ ମାନଙ୍କର ରଥକାଠ ଅନୁକୂଳ ହୋଇଥାଏ। ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ମାଘ ସପ୍ତମୀ ନାମରେ ବିଦିତ। ଏହି ଦିନ ଅତି ପବିତ୍ର ବୋଲି ହିନ୍ଦୁ ଧର୍ମଶାସ୍ତ୍ରରେ ମାନ୍ୟତା ପାଇଛି। ତେଣୁ ଅନେକ ମାଙ୍ଗଳିକ କାର୍ଯ୍ୟ ଏହି ଦିନ କରାଯାଇଥାଏ। ଅର୍କ କ୍ଷେତ୍ର ତଥା ପଦ୍ମ କ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ନଦୀ କୂଳରେ ପବିତ୍ର ମାଘ ମେଳା ଓ ସ୍ନାନ ମାଘ ସପ୍ତମୀ ଅବସରରେ ଆୟୋଜନ କରାଯାଇଥାଏ। ଇତିହାସ କୁହେ ସୂର୍ଯ୍ୟ ନାରାୟଣଙ୍କ ବିଗ୍ରହ ୧୨୫୬ ମସିହା ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ରବିବାର ଦିନ ପ୍ରତିଷ୍ଠା କରାଯାଇଥିଲା। ପବିତ୍ର ମାଘ ସପ୍ତମୀର ବର୍ଣ୍ଣନା ବିଭିନ୍ନ ପୁରାଣ ମାନଙ୍କରେ ଦେଖିବାକୁ ମିଳେ। ମାଘ ସପ୍ତମୀକୁ ଜୟା , ସପ୍ତମୀ, ମହାସପ୍ତମୀ, ଆରୋଗ୍ୟ ସପ୍ତମୀ ଓ ରଥ ସପ୍ତମୀ ନାମରେ ନାମିତ କରାଯାଇଅଛି। ମାଘ ସପ୍ତମୀ ସୂର୍ଯ୍ୟ ଦେବତାଙ୍କର ଜନ୍ମଦିନ ଓ ଏହି ଦିନ ଠାରୁ ବସନ୍ତ ଋତୁର ଆଗମନର ସୂଚନା ମିଳିଥାଏ। କଥିତ ଅଛି ଏହି ଦିନ ଗଙ୍ଗା ସ୍ନାନ କରି ବାଳସୂର୍ଯ୍ୟକୁ ଦର୍ଶନକଲେ ବ୍ରହ୍ମ ହତ୍ୟା ସହିତ ଅନେକ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ସପ୍ତମୀ ମାଘ ସ୍ନାନ କରିବା ନିମନ୍ତେ ଭକ୍ତମାନେ ଚନ୍ଦ୍ରଭାଗା ମେଳା ପଡିଆରେ ଏକତ୍ରୀତ ହୋଇ ରାତିସାରା ଉଜାଗର ରହିଥାନ୍ତି। ଶ୍ରଦ୍ଧାଳୁମାନେ ନଡିଆ କରଡା ଓ ବାଉଁଶରେ କୁଡିଆ ତିଆରି କରି ମାଟିହାଣ୍ଡିରେ ଭାତ, ଡାଲେମା ରୋଷେଇ କରି ଭୋଜନ କରି ସାରିବା ପରେ ମାଟିହାଣ୍ଡିକୁ ଭାଙ୍ଗି ଦେଇଥାନ୍ତି। ଏହା ପରେ ଚନ୍ଦ୍ରଭାଗା ତୀର୍ଥ ଜଳରେ ସ୍ନାନ କରିବା ପାଇଁ ଶ୍ରଦ୍ଧାଳୁମାନେ ଶୁଭ ମୂହୁର୍ତ୍ତକୁ ଅପେକ୍ଷା କରି ରହିଥାନ୍ତି। ଚନ୍ଦ୍ରଭାଗା ମାଘ ମେଳାରେ ଶ୍ରଦ୍ଧାଳୁମାନେ କିଛି ସୁଖ ଓ ଦୁଃଖର ଅନୁଭୂତିକୁ ଅନୁଭବ କରିଥାନ୍ତି। ସେମାନେ କିଛିନା କିଛି ସୁବିଧା ଓ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ସଂପର୍କରେ ବହୁଦିନ ଧରି ଲୋକମାନଙ୍କ ମୁଖରେ ଏକ ଲୋକପ୍ରିୟ ଲୋକକଥା ଶୁଣିବାକୁ ମିଳୁଅଛି। ତାହା ହେଲା -

**'ସାତ ଥର ଗଲି ଗଙ୍ଗା
ଥରେ ଯାଇଥିଲି ଚନ୍ଦ୍ରଭାଗା
ମୁହଁ ପଡିଗଲା ରଙ୍ଗା''।।**

ଅତୀତରେ କୁମାରୀ ଓ କୁମାର ପାହାଡ ନାମରେ ପରିଚିତ ଯଥାକ୍ରମେ ଉଦୟଗିରି ଓ ଖଣ୍ଡଗିରି ପାହାଡ ପାଦ ଦେଶରେ ମାଘ ସପ୍ତମୀ ଅବସରରେ ଐତିହାସିକ କୁମ୍ଭମେଳା ଆରମ୍ଭ ହୁଏ। ସପ୍ତମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ମେଳା ଚାଲିଥାଏ। ନିକଟସ୍ଥ ଜାଗମରା ଗ୍ରାମରୁ ପ୍ରଭୁ ଅନନ୍ତ କେଶରୀ ଉଦୟଗିରି ପାହାଡସ୍ଥ ରାଣୀହଂସପୁର ଗୁମ୍ଫାକୁ ବିଜେ କରନ୍ତି। ଖଣ୍ଡଗିରି ପାହାଡରେ ବିରାଜିତ ଦେବୀ ବାରଭୂଜାଙ୍କର ନିକଟରେ ହୋମ,ଯଜ୍ଞ, ପୂଜାପାଠ ଇତ୍ୟାଦି ଆୟୋଜନ କରାଯାଏ। ବିଭିନ୍ନ ପ୍ରାନ୍ତରରୁ ସାଧୁ, ସନ୍ନ୍ୟାସୀ, ସନ୍ଥ ଓ ସିଦ୍ଧ ପୁରୁଷମାନେ ମାଘ ସପ୍ତମୀ କୁମ୍ଭମେଳା ଅବସରରେ ଖଣ୍ଡଗିରିକୁ ଆଗମନ କରିଥାନ୍ତି। ଏହା ଦ୍ୱାରା ପରିବେଶ ଭକ୍ତିମୟ ଓ ଆଧାତ୍ମିକ ଚେତନାରେ ପ୍ଲାବିତ ହୋଇଥାଏ। ଏହି ମେଳାରେ ବିଭିନ୍ନ ଘର କରଣା ଓ ମନୋହାରୀ ସାମଗ୍ରୀ ପ୍ରଭୃତି କିଣା ବିକା ହୋଇଥାଏ। ଖଣ୍ଡଗିରି ମାଘ ସପ୍ତମୀ ମେଳାର ଅନ୍ୟତମ ଆକର୍ଷଣ ଯାତ୍ରା ମହାକୁମ୍ଭ।। ଓଡ଼ିଶାର ସୁନାମଧନ୍ୟ ଯାତ୍ରା ଦଳର କଳାକାରମାନେ ସେମାନଙ୍କର କଳା ଓ ନୈପୁଣ୍ୟର ପରିଚୟ ଦେବାରେ ସୁଯୋଗ ପାଇଥାନ୍ତି। ମହିମାଧର୍ମ ଓଡ଼ିଶାର ନିଜ ସ୍ୱଧର୍ମ, ଓ ବିଶ୍ୱର ସର୍ବ କନିଷ୍ଠ ଧର୍ମରୂପେ ମାନ୍ୟତା ଲାଭ କରିଛି। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋ ସାଇଁ ପରିଶେଷରେ ଢେଙ୍କାନାଳର ଯୋରନ୍ଦା ମହିମାଗାଦି ଠାରେ ୧୮୭୬ ମସିହା ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ବ୍ରହ୍ମଲୀନ ହୋଇଥିଲେ। ଯେଉଁ ସ୍ଥାନରେ ମହିମା ସ୍ୱାମୀଙ୍କର ନଶ୍ୱର ଶରୀରକୁ ଭୂସମାଧି କରାଯାଇଥିଲା ସେଠାରେ ବିରାଟ ମନ୍ଦିର ନିର୍ମାଣ କରାଯାଇଅଛି। ଏହା ମହିମା ଗାଦି ମନ୍ଦିର ଭାବେ ଖ୍ୟାତ। ପ୍ରତ୍ୟେକ ବର୍ଷ ଯୋରନ୍ଦା ଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ବିରାଟ ମହିମା ମେଳା ମହା ଆଡମ୍ବର ସହକାରେ ପାଳିତହୁଏ। ମହିମା ଧର୍ମର ଅନ୍ୟତମ ବିଶ୍ୱ ବିଖ୍ୟାତ ସତୀର୍ଥ ସାଧକ ସନ୍ଥ କବି ଭୀମ ଭୋଇଙ୍କ ସିଦ୍ଧି, ସାଧନା ଓ ସମାଧିପୀଠ ସୁବର୍ଣ୍ଣପୁର ଜିଲ୍ଲାର ଖଲିଆ ପାଲି ଠାରେ ମାଘ ଚତୁର୍ଦ୍ଦଶୀ ଅବସରରେ ମହିମା ମେଳା ଆୟୋଜିତ ହୁଏ। ମାଘ ମାସର ପୂର୍ଣ୍ଣିମାକୁ ଅଗିରା ପୂର୍ଣ୍ଣିମା ବା ଅଗିଜଳା ପୂର୍ଣ୍ଣିମା ବୋଲି କୁହାଯାଏ। ଏହା ଅଗ୍ନି ଦେବତାଙ୍କ ଉଦ୍ଦେଶ୍ୟରେ ସମର୍ପିତ। ସନ୍ଧ୍ୟାରେ ଗ୍ରାମର ଶେଷ ମୁଣ୍ଡରେ ନଡା, କୁଟା, ପାଳ ଇତ୍ୟାଦିକୁ ନେଇ ଏଥିରେ ଅଗିଜଳା ଯାଏ। ଏଥିରେ ଘିଅ, ନଡିଆ, ଆଳୁ, ବାଇଗଣ ଇତ୍ୟାଦି ନିକ୍ଷେପ କରାଯାଏ। ଅଗ୍ନିର ଝାସ ଯେଉଁ ଆଡେଥାଏ ସେପଟେ ଭଲ ଫସଲ ହେବାର ବିଶ୍ୱାସ ରହିଛି। ଅଗିଜଳାର ପାଉଁଶକୁ ନେଇ ଲୋକେ ନିଜ ଧାନ କୋଠିରେ ଛିଞ୍ଚନ କରନ୍ତି ଅଧିକ ଫସଲ ଅମଳ ହେବାର ବିଶ୍ୱାସ ରହିଛି। ଅଗିଜଳାର ପାଉଁଶକୁ ନେଇ ଲୋକେ ନିଜ ଧାନ କୋଠିରେ ଛିଞ୍ଚନ କରନ୍ତି ଅଧିକ ଫସଲ ଅମଳ ହେବାର ବିଶ୍ୱାସ କରି। ହିନ୍ଦୁ ଧର୍ମ ଧରଣୀରେ ମାଘ ମାସ ଏକ ପୂଣ୍ୟ ମାସ ରୂପେ ବିବେଚନା କରାଯାଏ। ବିଭିନ୍ନ ପ୍ରାନ୍ତରରେ ମାଘ ମେଳା ଆୟୋଜିତ ହୋଇଥାଏ। ସାଂସ୍କୃତିକ ଓ ଧାର୍ମିକ ଜୀବନକୁ ମାଘ ମାସର ଅବଦାନ ଅତୁଳନୀୟ।

# କହିପାରେ ଆଗାମୀ କାଲିର ଇତିହାସ : ଆମେ କ୍ରୀତଦାସ !



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail:mayadharnayak2014@gmail.com

ବର୍ତ୍ତମାନ ଏ ବିଶ୍ୱ ଆଧୁନିକ କ୍ରୀତଦାସଯୁଗକୁ ଫେରିଆସିଲାଣି । କ୍ରୀତଦାସମାନଙ୍କର ସ୍ୱାଧୀନତା ନଥାଏ – ଏ ଆଧୁନିକ କ୍ରୀତଦାସମାନଙ୍କର ମଧ୍ୟ ସ୍ୱାଧୀନତା ଆଦୌ ନାହିଁ । ଏମାନେ ଜଘନ୍ୟ ଶୋଷଣର ଶିକାର, ଧମକ, ହିଂସା, ବାଧ୍ୟବାଧକତା, ପ୍ରତାରଣାରୁ ମୁକୁଳି ପାରୁନାହାଁନ୍ତି । ବାଧ୍ୟତାମୂଳକ ଶ୍ରମ, ବାଧ୍ୟତାମୂଳକ ବିବାହ, ଋଣବନ୍ଧକ, ବଳପୂର୍ବକ ବେପାର, ଯୌନଶୋଷଣ, ମାନବ ଚାଲାଣ, ଶିଶୁମାନଙ୍କୁ ଶୋଷଣ ଓ ଚାଲାଣ, ବିକ୍ରୟ, ନାରୀମାନେ ଖୁଲମ୍‌ଖୁଲ୍ଲା ଅତ୍ୟାଚାରିତ, ସର୍ବୋପରି କ୍ରୀତଦାସ ଭଳି ଜୀବନ । ଏହି ଆଧୁନିକ ଦାସତ୍ୱ ପଛର କାରଣ – ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ଅସମାନତା, କୋଭିଡ-୧୯, ସଂଘର୍ଷ, ଯୁଦ୍ଧ, ଜବରଦସ୍ତ ବାଲ୍ୟବିବାହ, ଅନାଥ ଶିଶୁମାନଙ୍କୁ ଚାଲାଣ ଓ ବିକ୍ରି, ପ୍ରାୟୋଜିତ ଗୋତିଶ୍ରମିକ, ଦାଦନ ଶ୍ରମିକ ଆଦି ଆଧୁନିକ ଦାସତ୍ୱର ଲକ୍ଷଣ । ଆମେ ଟମସ୍‌କ୍ୟାବିନ୍ 'ଟମ୍‌କକାଙ୍କ କୁଟୀର' ପଢିଛେ । ସେହି ମହାନ୍‌ଗ୍ରନ୍ଥରେ କ୍ରୀତଦାସମାନଙ୍କ ପ୍ରତି ହେଉଥିବା ଭୟଙ୍କର ବର୍ବରକାହାଣୀ ବର୍ଣ୍ଣନା କରାଯାଇଛି । ଦଳେମାଲିକ ଅନୁନ୍ନତ ଦେଶମାନଙ୍କରୁ ମଜବୁତ୍ ଯୁବକଯୁବତୀମାନଙ୍କୁ ଶସ୍ତାମଜୁରି ଦେଇ କାମରେ ଦିନରାତି ଖଟାଇବା ଲୋଭରେ ନେଇଆସନ୍ତି । କେତେକଙ୍କୁ ବି ମଣିଷହାଟରୁ କିଣି ଆଣନ୍ତି । ସେମାନଙ୍କୁ ଜଳଜାହାଜରେ ବସ୍ତାମାଡିଲା ଭଳି ବୋଝେଇକରି ଆଣି ବିକିଦିଅନ୍ତି । କିଣିଲାବାଲା ମାଲିକ ଗୋଟାଏ ନିବୁଜ କୋଠରିରେ ଶହେଦେଢଶହ ମଣିଷକୁ ଠେଲି ପୂରାଇଦିଏ । ପାଦ ପକାଇବାକୁ ଜାଗା ନ ଥାଏ । ଆଜିକାଲି ବଏଲର କୁକୁଡ଼ାକୁ ଚାରିଚକିଆ ଗାଡ଼ିରେ ବସ୍ତାଉପରେ ବସ୍ତାମାରିଲା ଭଳି ଏ ନିରୀହ ଜୀବମାନଙ୍କୁ ଆଣି ଚିକେନ୍ ସେଣ୍ଟରରେ ପହଞ୍ଚାଇଦିଅନ୍ତି । ସେଇଭଳି ସେ ନିବୁଜ କୋଠରିରେ କ୍ରୀତଦାସମାନଙ୍କୁ ରଖାଯାଏ। ତିନିଦିନ ପର୍ଯ୍ୟନ୍ତ ଖାଦ୍ୟ କି ପାଣି ଦିଆଯାଏନା । କେତେକଙ୍କ ପ୍ରାଣବାୟୁ ଉଡ଼ିଯାଏ । ଯେଉଁମାନେ ଦରମରାହୋଇ ବଂଚିଥାନ୍ତି – ସେମାନେ ସବଳ ବୋଲି ମାଲିକ ଧରିନେଇ ଚଢ଼ାଦରରେ ବିକ୍ରି କରିଦିଏ । ଟମ୍‌କକାଙ୍କ କୁଟୀର ଉପନ୍ୟାସ କାଳଜୟୀ ବିଶ୍ୱବିଖ୍ୟାତ । ଏବେ ସମଗ୍ର ବିଶ୍ୱରେ ଆଠଶହକୋଟି ମଣିଷ । ଏମାନଙ୍କ ମଧ୍ୟରୁ ପାଞ୍ଚଶହକୋଟି ମଣିଷ ଆଧୁନିକ କ୍ରୀତଦାସ । ଧୀରେ ଧୀରେ କ୍ରୀତଦାସଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୁଖୀଦେଶରୁ ଦୁଃଖୀଦେଶ ପର୍ଯ୍ୟନ୍ତ ସବୁଦେଶରେ ଉଣାଅଧିକେ ଆଧୁନିକ କ୍ରୀତଦାସ ଭର୍ତ୍ତି। ଆମେ ସତରେ କ'ଣ ସେଇ ରଜାଜମିଦାର, ସାମନ୍ତବାଦ, ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ଫାସିବାଦ ନାଗଫାଶ ବନ୍ଧନରେ ବାନ୍ଧି ହେଇଯାଉଛେ କି ? ଆମ ଭାରତ ମହାନ୍ ଦେଶ । ସୁଖୀ ତାଲିକାରେ ୧୪୬ ଦେଶ ମଧ୍ୟରୁ ପଛକୁ ୧୩୬ ନମ୍ବରରେ ଅଛି । ଆମେ ଦୁଃଖୀ ଭାରତୀୟ । ଆମେ ଛତରଖିଆ, ମାଗଣାଖିଆ ସଂସ୍କୃତିକୁ ମୁଣ୍ଡେଇ ଧରିଛେ ବୋଲି ଆମ ନାଁରେ ସାରାବିଶ୍ୱରେ ନାଗରା ବାଜୁଛି । ଭାରତର ୧୪୨କୋଟି ୮୬ଲକ୍ଷ ଜନସଂଖ୍ୟାରୁ ୯୫କୋଟି ମଣିଷ ଆଧୁନିକ ଦାସତ୍ୱର ଶିକାର । ପ୍ରତି ୩ଜଣରେ ୨ଜଣ କ୍ରୀତଦାସର ଜୀବନ ବିତାଉଛନ୍ତି । କେବଳ ଭାରତ ନୁହେଁ – ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରୁ ବହୁମଣିଷ ଗୋଲାମୀ ମନୋବୃତ୍ତିର। ଆପଣମାନେ ନିଜେନିଜକୁ ପ୍ରଶ୍ନ ପଚାରନ୍ତୁ – ସତରେ କ'ଣ ଆପଣ ସ୍ୱାଧୀନ। ସ୍ୱାଧୀନ ମତବ୍ୟକ୍ତ କରିପାରିବେ କି ? ସତ କହିପାରୁଛେ କି ? ଅନ୍ୟାୟକୁ ଅନ୍ୟାୟ ବୋଲି କଣ୍ଠଫଟାଇ ଚିତ୍‌କାର କରିପାରୁଛେ କି ? ଆମ ପୁରୁଷମାନେ ଯେତେବେଳେ ଡରୁଆ, ମାଗଣାଖିଆ – ନାରୀମାନେ ସେଥିରୁ ବାଦ୍ ଯିବେ କେମିତି ? ନାରୀମାନେ କ'ଣ ସ୍ୱାଧୀନ ? କେତେକ ନାରୀ ସ୍ୱାଧୀନ ହୋଇଗଲେ – ସବୁ ନାରୀ କ'ଣ ସ୍ୱାଧୀନ ? ବିଶ୍ୱରେ ପୁରୁଷମାନଙ୍କଠୁ ନାରୀମାନେ ଅଧିକ ସଂଖ୍ୟାରେ ଅଛନ୍ତି । ନାରୀ ! ପୁରୁଷର ପଣ୍ୟଶାଳାରେ ଆଜି ବି ପଣବନ୍ଦିନୀ... ସେ ପ୍ରବାସିନୀ । ରୂପ-ତୃଷ୍ଣା-ବେଦନାର ମୂର୍ତ୍ତିମତୀ ପ୍ରକୃତି ସେ - ଦ୍ୱିତୀୟ ପ୍ରକୃତି - ନିରୁଦ୍ଧ ନାରୀତ୍ୱର ଐକାନ୍ତିକୀ ଆକୃତିରେ। କାଳ ପରେ କାଳ, ଯୁଗ ପରେ ଯୁଗ, ସଭ୍ୟତା ପରେ ସଭ୍ୟତାର ଶୋଭାଯାତ୍ରା ଅପସରିଯାଉଛି ବହୁବିଧ ଘଟଣାର ଘୂର୍ଣ୍ଣିବଳୟରେ । ମାତ୍ର ଅକୁହା ରହିଯାଇଛି ଅନେକ କଥା... ନିଭୃତ ନାରୀତ୍ୱର ଅଜସ୍ର ବ୍ୟଥା ! ପଶୁ-ପୁରୁଷର ପଦାନତ ନିଗୃହୀତା ନାରୀ ନିଜ ନିର୍ଯାତନାର କରୁଣ କାହାଣୀ ବୟାନ କରିପାରିବ କାହା ସାମ୍ନାରେ ? ଯେଉଁ ସମାଜ ସାମ୍ନାରେ ନାରୀ ନିଜ ସତ୍ୟପାଠ କରିବାକୁ ଯିବ, ସେ ସମାଜର ଅଧିକର୍ତ୍ତା ତ ପୁରୁଷ! ପୁରୁଷର ସମାଜରେ ସେ କେବଳ ଦାସୀ, କେତେବେଳେ କ୍ରୀତଦାସୀ ତ କେତେବେଳେ ଦେବଦାସୀ... ଘରକୁ ମନ୍ଦିର ମନେକଲାବେଳକୁ ଶେଷରେ ଜାଣେ ଯେ ସେ ମନ୍ଦିର ହେଉଛି ଗୁଡାଏ ନିର୍ଜୀବ ପଥରର ନିର୍ଘାତ ମିଶାଣ ! ଏଇଭଳି ଯେତେବେଳେ ସମଗ୍ର ବିଶ୍ୱର ଅବସ୍ଥା – ଭାରତ ସେଥିରୁ ବାଦ୍ ଯିବ କେମିତି ! ଏଇ ବିଶ୍ୱରେ କ୍ରୀତଦାସ ପ୍ରଥା, କ୍ଷମତା, ସଂପତ୍ତି, ନାରୀପାଇଁ କେତେ ଯେ ଯୁଦ୍ଧ ହୋଇଯାଇଛି – କେତେ ଯେ ବିପ୍ଲବ ସଂଗଠିତ ହୋଇଛି – ଇତିହାସ ତା'ର ମୂକସାକ୍ଷୀ। ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିଠାରୁ ଆଜି ପର୍ଯ୍ୟନ୍ତ କେତେ ନଦୀରେ କେତେ ଯେ ପାଣି ବୋହିଗଲାଣି, ଦେଶେଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି – ମାଲିକର ଶୋଷଣ ଯଜ୍ଞବେଦୀରେ କେତେ ଯେ ନିରୀହ ମଣିଷ ବଳିପଡିଗଲେଣି–ତାହାର ହିସାବ ନାହିଁ । ଆମେ ବିଶ୍ୱର ଭବିଷ୍ୟବିତ୍ ଫ୍ରାନସ୍‌ର ନୋଷ୍ଟ୍ରାଲଡମସ୍‌ଙ୍କ ଭବିଷ୍ୟବାଣୀ ଶୁଣିଛେ । ସତ ବି ହୋଇଛି । ବିଭିନ୍ନ ଦେଶରେ ଭବିଷ୍ୟବିତ୍‌ମାନେ ଅଛନ୍ତି । କିନ୍ତୁ ଏଇ ଭାରତରେ ଓଡିଶାଭୂଇଁରେ ନୋଷ୍ଟ୍ରାଲଡମସ୍‌ଠାରୁ ଶହେବର୍ଷ ଆଗରୁ ଯେଉଁ ଭବିଷ୍ୟବାଣୀ ମହାତ୍ମା ହାଡିଦାସ ନିଜ ମାଳିକା ଜରିଆରେ ଶୁଣାଇଥିଲେ–ତାହା ସତ ହୋଇଛି-ଆଗକୁ ମଧ୍ୟ ସତ ହେବାକୁ ଯାଉଛି । ଆମେରିକା 'ନାସା' ସଂସ୍ଥା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଗଠନ, ବିଶ୍ୱ ପର୍ଯ୍ୟାବରଣ ସଂଗଠନ ଏବଂ ଜାତିସଂଘମାନେ ମଧ୍ୟ କହୁଛନ୍ତି । ଏଇ ୨୦୨୪-୨୫ରେ ସାରାବିଶ୍ୱକୁ ଭୟଙ୍କର ବିପଦ ମାଡିଆସୁଛି । ବିପଦ ଯେତେବେଳେ ଆସେ ଘଣ୍ଟିପିଟି ଆସେନା - ହଠାତ୍ ସବୁ ପ୍ରଳୟଙ୍କର ବିପର୍ଯ୍ୟୟ ଘଟିଚାଲିଛି । ପ୍ରକୃତି ପାଖରେ ବିଜ୍ଞାନ ଓ ମଣିଷର ବାହାଦୂରି କୁଆଡେ ପାଣି ଫୋଟକାଭଳି ମିଳେଇ ଯାଉଛି । ଗ୍ଲୋବାଲ ସ୍ଲାଭେରୀ ଇଣ୍ଡେକ୍ସ ବା ବିଶ୍ୱ କ୍ରୀତଦାସ ସୂଚକ ୨୦୨୩ ପ୍ରକାଶ ପାଇଛି – ଏବର କ୍ରୀତଦାସତ୍ୱ ପ୍ରାଚୀନ କ୍ରୀତଦାସ ପ୍ରଥାନୁହେଁ । ଏ ୫ବର୍ଷ ଭିତରେ ଆଧୁନିକ କ୍ରୀତଦାସ ୨୫ ପରସେଣ୍ଟ ବୃଦ୍ଧିପାଇ ବିଶ୍ୱରେ ଏମାନଙ୍କ ସଂଖ୍ୟା ୫୦ ନିୟୁତବୋଲି କୁହାଯାଇଛି । ମୋ ମତରେ ଏ ତଥ୍ୟ ସତ୍ୟ ନୁହେଁ – କାରଣ ସେମାନେ ସରକାରୀ ତଥ୍ୟ ଉପରେ କହିଛନ୍ତି – କିନ୍ତୁ ଯା'ଠାରୁ ଶହେଗୁଣ ଅଧିକ । ଭାରତ, ଚୀନ, ରୁଷିଆ, ଇଣ୍ଡୋନେସିଆ, ତୁର୍କୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଜି-୨୦ ଦେଶମାନଙ୍କରେ ଅଛନ୍ତି ଲକ୍ଷ ଲକ୍ଷ ଶ୍ରମିକ, ଶ୍ରମିକ ହେବା ପାଇଁ, ମୁଣ୍ଡ ବନ୍ଧାପକାଇବା ପାଇଁ ବାଧ୍ୟ ହେଉଛନ୍ତି । ଧାର କରଜ ନେଇ ଠିକ୍ ସମୟରେ ଶୁଝି ନପାରିଥିବାରୁ ଶ୍ରମିକମାନେ ମୁଣ୍ଡ ବିକିବାକୁ ବାଧ୍ୟ । ଜୋର ଜବରଦସ୍ତ ବା ବାଧ୍ୟବାଧକତାରେ ମଜୁରୀ ଲାଗିବା, ସେଇ କାରଣରୁ ବାହାହେବା, ବ୍ୟବସାୟିକ ଯୌନ ଶୋଷଣର ଶିକାରହେବା ଏବଂ ବେଶ୍ୟାବୃତ୍ତି ପାଇଁ ଇଚ୍ଛା ବିରୁଦ୍ଧରେ ଅନ୍ୟତ୍ର ସ୍ଥାନାନ୍ତରିତ ହେବା। ଏହା ସାମାଜିକ ଜୀବନକୁ କ୍ଷତାକ୍ତ କରୁଥିବା, ଭୟଙ୍କର, ଆଦିମ ଓ ଲଜ୍ୟାଜନକ ଘଟଣା । ବିଶ୍ୱରେ ଅନେକ ଅଞ୍ଚଳର ଆତଙ୍କବାଦୀ କାର୍ଯ୍ୟକଳାପ, ଦ୍ୱନ୍ଦ ଓ ସଂଘବଦ୍ଧ ଅପରାଧ, ଭଡାଟିଆ କାର୍ଯ୍ୟରେ ଏ ଆଧୁନିକ ଦାସତ୍ୱ । ଜି-୨୦ ସଦସ୍ୟ ଦେଶମାନଙ୍କରେ ବିଶ୍ୱର ଅଧାରୁ ଅଧିକ ଆଧୁନିକ କ୍ରୀତଦାସ ଅଛନ୍ତି । ସାରାବିଶ୍ୱରେ ଯେକୌଣସି ଦେଶରେ ଶ୍ରମ ଆଇନକୁ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି । ରାଜନେତା-ଶିଳ୍ପପତି ଓ ଶାସକ-ପ୍ରଶାସକଙ୍କ ଅଶୁଭମୈତ୍ରୀ ପାଇଁ କି ନାରୀ କି ପୁରୁଷ ଆଜି କ୍ରୀତଦାସୀ କ୍ରୀତଦାସ । ଜଳବାୟୁ ପରିବର୍ତ୍ତନରେ ବନ୍ୟା,ବାତ୍ୟା,ମରୁଡି ପ୍ରାକୃତିକ ବିପର୍ଯ୍ୟୟରେ ଲକ୍ଷଲକ୍ଷ ମଣିଷ ଦାଦନ ଖଟିବାକୁଯାଇ କ୍ରୀତଦାସରେ ପରିଣତ ହୋଇଯାଉଛନ୍ତି । ସେମାନଙ୍କ ଉପରେ ଚାଲିଥିବା ନିର୍ମମ ନିର୍ଯାତନା, ଅତ୍ୟାଚାର, ଶୋଷଣ ଭାଷାରେ ବର୍ଣ୍ଣନା କରିହେବନି । ମହିଳାମାନଙ୍କୁ କ୍ରୀତଦାସୀ କରିରଖାଯାଉଛି । ଶିଶୁଶ୍ରମିକମାନେ ବି କ୍ରୀତଦାସ ପାଲଟିଯାଉଛନ୍ତି । ଏମାନଙ୍କ ପାଇଁ କୌଣସି ଆଞ୍ଚଳିକ, ଜାତୀୟ, ଆନ୍ତର୍ଜାତୀୟ ଶ୍ରମ ଆଇନ୍ ନାହିଁ । ଆନ୍ତର୍ଜାତୀୟ ଶ୍ରମସଂସ୍ଥା (ଆଇ.ଏଲ୍.ଓ.) କେବଳ କାଗଜବାଘ । ଏବେ ବିଶ୍ୱ ଧ୍ୱଂସମୁଖୀ। ଜୀବନସାରା ପାପ କରିକରି ମଲାବେଳକୁ ଭଗବାନ ରକ୍ଷାକର ଡାକିଲେ – ଭଗବାନ ମଧ୍ୟ କ୍ଷମାଦେବେନି । ସବୁ ଘଟଣାଦୁର୍ଘଟଣାର ତନ୍ନତନ୍ନ ଅଧ୍ୟୟନ, ଅଧ୍ୟବସାୟ, ଅନୁଧ୍ୟାନ, ଅଭିଜ୍ଞତାର ବାସ୍ତବ ଭିତ୍ତି ଉପରେ 'ବିଶ୍ୱଭବିଷ୍ୟବାଣୀ' ପୁସ୍ତକ ପ୍ରସ୍ତୁତି କରି ପ୍ରକାଶିତ । ଏହା ପୂର୍ବରୁ ଜମି ବିକନା ଭଡାଦିଅ – ଇଂରାଜୀରେ ଲାଣ୍ଡ ଟୁ ଲେଟ୍, ଫିଲମ୍ ଦ' ମଦରଲ୍ୟାଣ୍ଡ ପ୍ରସ୍ତୁତହୋଇ ଦେଶ ତଥା ବିଶ୍ୱର ବହୁଦେଶରେ ପ୍ରଦର୍ଶିତ ହୋଇସାରିଛି, ଆଉ ଅର୍ଥନୈତିକ ଆତଙ୍କବାଦ ଇଂରାଜୀରେ ଇକୋନୋମିକ୍ ଟେରରିଜିମ୍ ସାରାବିଶ୍ୱକୁ ଯାଇଛି । ଏହି ଦୁଇଟି ପୁସ୍ତକ ଅକ୍ଷରେ ଅକ୍ଷରେ ସତ୍ୟ ସାବ୍ୟସ୍ତ ହୋଇଛି । 'ବିଶ୍ୱଭବିଷ୍ୟବାଣୀ' ଆଜି ନ ହେଲେ କାଲି ସତ୍ୟ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ଭୁବନେଶ୍ୱର, ୨୩ ଫେବୃୟାରୀ ୨୦୨୪ ଶୁକ୍ରବାର

# ଅଳ୍ପ ଗଳ୍ପ

## ଶୁଭେଚ୍ଛା ବାର୍ତ୍ତା

ଘନଶ୍ୟାମ ପଲେଇ

ଆଜିର ଯୁଗଟା ଜାଣ ପୁରାପୁରି ମୋବାଇଲ ଯୁଗ। ସକାଳୁ ଉଠିଲେ ଆଗ ଧର ମୋବାଇଲ। ତା' ପରେ ଆଉ ଯାହା କଥା। କାହାର ଅଭ୍ୟାସ ଥାଉ କି ନଥାଉ ମୋର ତ ଅଭ୍ୟାସରେ ପରିଣତ ହେଇଗଲାଣି। ନିଦରୁ ଉଠିବି ତ ଅନ କରିବି ମୋବାଇଲ ଡାଟା। ଦେଖିବି ଫେସବୁକ। କିଛି ନୋଟିଫିକେସନ ଥିଲେ ଖୋଲିବି। ଆଉ କାହାର ବାର୍ଥ ଡେ ଥିଲେ ତାକୁ ନିଶ୍ଚୟ ପଠାଇବି ଶୁଭେଚ୍ଛା ବାର୍ତ୍ତା।

ଆଜିବି ସକାଳୁ ସକାଳୁ ମୋବାଇଲ୍ ଡାଟା ଅନ୍ କରୁ କରୁ ଫେସ୍ବୁକ ନୋଟିଫିକେସନରେ ଆସିଗଲା କେତେଜଣଙ୍କ ଜନ୍ମଦିନ। ସବୁ ଗୋଟା ଗୋଟା କରି ଶୁଭେଚ୍ଛା ଜଣାଇବା କରିଦେଲି ଆରମ୍ଭ। ସଭିଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଦେଲା ବେଳେ ପ୍ରତାପରୁଦ୍ରଙ୍କ ପ୍ରୋଫାଇଲ ପାଖରେ କାହିଁକି କେଜାଣି ଅଟକି ଗଲା ମୋ ହାତ। ଲେଖି ପାରିଲିନି ଶୁଭେଚ୍ଛା ବାର୍ତ୍ତା। ଆଶ୍ଚର୍ଯ୍ୟ ଚକିତ ହେଲି ତା' ପ୍ରୋଫାଇଲ ଆକ୍ଟିଭ ଦେଖି। ଏତେ ସକାଳୁ ସକାଳୁ ଜଳୁଛି ସବୁଜ ବତୀ। ତା' ହେଲେ ସିଏ ଏବେ ନିଶ୍ଚୟ ଅଛି ଅନଲାଇନ।

ଉତ୍ସୁକତାର ସହ ଖୋଲିଲି ତା' କମେଣ୍ଟ ବକ୍ସକୁ। ଗୋଟି ଗୋଟି କରି ସବୁ ପଢି ଚାଲିଥାଏ କମେଣ୍ଟ ସବୁକୁ। ପାଖାପାଖି ଚବିଶ ପଚିଶ ହେବ କମେଣ୍ଟ। ସଭିଏଁ ଜଣାଇଛନ୍ତି ଜନ୍ମଦିନର ଭଲ ଭଲ ଶୁଭେଚ୍ଛା ବାର୍ତ୍ତା। କେହି କେହି ତ ତା'ର ଦୀର୍ଘାୟୁ କାମନା କରିଛନ୍ତି ଭଗବାନଙ୍କ ଚରଣରେ । ଅଧିକ ଆଶ୍ଚର୍ଯ୍ୟ ଲାଗିଲା ପ୍ରତାପରୁଦ୍ରର ଅଫିସରେ କାମ କରୁଥିବା ବରିଷ୍ଠ କିରାଣୀ ନିତ୍ୟାନନ୍ଦବାବୁଙ୍କ କମେଣ୍ଟ ପଢି। ଲେଖିଛନ୍ତି ବଡ କମେଣ୍ଟଟିଏ --- ହାପି ବାର୍ଥ ଡେ ପ୍ରତାପରୁଦ୍ର। ତୁମର ଦୀର୍ଘଜୀବନ କାମନା କରୁଛି। ପରିବାର ସହ ସୁଖ ଶାନ୍ତିରେ ରୁହ। ଏତିକି ପ୍ରଭୁଙ୍କ ପାଦ ତଳେ ଅଳି କରେ ଆଜିର ଦିନରେ। ବଡ ରାଗ ମାଡୁ ଥିଲା କମେଣ୍ଟ ସବୁ ପଢି। ମାନୁଛି ଫେସବୁକ ବନ୍ଧୁ ଫେସବୁକରେ ସୀମିତ। ହୁଏତ କିଏ ତାଙ୍କର ଫେସବୁକକୁ ଆଜି ବି ଚଳାଉଛି। କିଛିଟା ଫେସବୁକ ବନ୍ଧୁଙ୍କୁ ଏଇ କଥା ଆଦୌ ଜଣା ନଥିବ, ହେଲେ ନିତ୍ୟାନନ୍ଦବାବୁଙ୍କୁ ତ ସବୁ ଜଣା। ପ୍ରତାପରୁଦ୍ରଙ୍କୁ ରୋଡ ଆକ୍ସିଡେଣ୍ଟରେ ମରିବାର ହେଲାଣି ଦି' ବର୍ଷ। ତା' ସ୍ତ୍ରୀ ପେନସନ ପାଇଁ ନିଇତି ଆସୁଛି ତାଙ୍କରି ପାଖକୁ ଫାଇଲ ଆଗକୁ ବଢାଇ ଦେବାକୁ। ସିଏ କ'ଣ ସବୁ ଜାଣି ବି ଅଜଣା ? ଜଣେ ମୃତ ବ୍ୟକ୍ତିକୁ ବି ଛାଡୁ ନାହାନ୍ତି। ବଡ ବିଚିତ୍ର ଜୀବ ଏଇ କିରାଣୀ ନିତ୍ୟାନନ୍ଦବାବୁ। ଚିଲ ଶାଗୁଣା ପରି ଝାମ୍ପି ବସୁଛନ୍ତି ଲୋକଙ୍କୁ ମୌକା ଦେଖି। କାମ କରେଇ ଦେବା ବାହାନାରେ ଲୁଟୁଛନ୍ତି ଗରିବ ଗୁରୁବାଙ୍କୁ। ସେ ଯାହା ବି ହେଉ, ଆଜି ବେଶି ଘୃଣା ଲାଗୁଥିଲା ତାଙ୍କୁ ତାଙ୍କରି ଏଇ ଶୁଭେଚ୍ଛା ବାର୍ତ୍ତାଟି ପଢି। ଆତ୍ମାର ସଦଗତି ପାଇଁ – ଓମ୍ ଶାନ୍ତି। ଲେଖୁ ଲେଖୁ କେତେବେଳେ ଯେ ମୋ ଆଖି କୋଣକୁ ଦି'ଟୋପା ଲୁହ ଜକେଇ ଆସି ସାରିଥିଲା ମୋତେ ବି ଜଣା ନଥିଲା ।

ଟେନସା, ସୁନ୍ଦରଗଡ-୭୭୦୦୪୨,
ମୋ-୯୪୩୭୭୧୮୫୦୦

## ସରକାରୀ ଚାକିରି



ସାଗର ଆଉ ସ୍ୱାତୀ ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି । ଏ ଭଲ ପାଇବାଟା ଆଜିର ନୁହଁ ମ କାହିଁ କୋଉ ଦିନରୁ । ମହାନ୍ତି ବାବୁ ଆଉ ଜେନା ବାବୁ ଯୋଉଦିନଠୁ ଏ କଲୋନୀରେ ଘର କରି ରହିଲେଣି ସେବେଠୁ । ଏଇଠି ତ ରାଜଧାନୀରେ ଚାକିରି ଆଉ ଘର ପରିବାର ସବୁ । ଜେଝା କାମରେ ଯିଏ ବ୍ୟସ୍ତ । ଏଇ ପ୍ରାତଃ ଭ୍ରମଣ ଆଉ ରବିବାର ହେଲେ ଦୁଇ ପରିବାର ମିଶି ହସ କୌତୁକ ହୁଅନ୍ତି । କେବେ ଏଠିତ କେବେ ସେଠି ଖିଆପିଆ ଚାଲେ । କଲୋନୀରୁ ପାଟି ପିକନିକ ହେଲେ ଦୁଇ ପରିବାରଙ୍କ ସିଟ୍ ପାଖାପାଖି ଥାଏ ।

ମହାନ୍ତି ବାବୁଙ୍କ ସ୍ତ୍ରୀ ଶ୍ରଦ୍ଧା ଆଉ ତାଙ୍କ ପୁଅ ସାଗର । ଆଉ ଜେନା ବାବୁଙ୍କ ସ୍ତ୍ରୀ ପଦ୍ମା ଝିଅ ସ୍ୱାତୀ। ସାଗର ଆଉ ସ୍ୱାତୀ ଦୁହେଁ ଗୋଟିଏ କଲେଜରେ ପଢ଼ନ୍ତି । ଅବଶ୍ୟ ସାଗର ସ୍ୱାତୀଠୁ ଦୁଇବର୍ଷ ବଡ଼ । କଲେଜ ଟିଉସନ ସବୁଠି ଦୁହିଁଙ୍କ ଭେଟ । କଥା କଟାକଟି ଥଟା ମଜା ଆଉ ପ୍ରେମ । ଏଇ ପ୍ରେମ ଧିରେ ଧିରେ ଅନେକ ଆଶା ବାନ୍ଧି ସାରିଲାଣି । ସେଇ ଆଶା ଟିକକର ପ୍ରତିକ୍ଷାରେ ଦୁହେଁ ଛଟପଟ ହେଉଛନ୍ତି । ସମୟ ସାଥିରେ ସମୟ ବିତି ଚାଲିଛି । ସ୍ୱାତୀ ଏବେ ପଚିଶି ବର୍ଷରେ ପାଦ ଦେଲାଣି । ଏବେଏବେ ଦୁଇମାସ ତଳେ ସେ ସରକାରୀ ବ୍ୟାଙ୍କ ରେ ଚାକିରି ପାଇଛି । ମାସକୁ ଦରମା ଚାଳିଶି ହଜାର। ଆଉ ସାଗର ଏବେବି ବେକାର । ବହୁତ ପରୀକ୍ଷା ଦେଲାଣି ହେଲେ କୋଉଠି ଗୋଟେ ଚାକିରି ବାଜିଲାନି । ଶେଷରେ ସରକାରୀ ଋଣ ରେ ତିଆରି କରିଛି ଶାଢି କାରଖାନା ଯୋଉଠି ଦୁଇଜଣ ଶ୍ରମିକ କାମ କରନ୍ତି । ଦୁଇଟି ମେସିନ ଲାଗିଛି । ଯାହାବି ଶାଢି ତିଆରି ହେଉଛି ବିକ୍ରି ପରେ ଲାଭ ହେଉଛି । ସେଇ ଲାଭରୁ ସରକାରୀ ଋଣ ପରିଶୋଧ ପୁଣି ଦୁଇଟି ଲୋକଙ୍କ ଦରମା ଦେଇ କଞ୍ଚାମାଲ କିଣିଲା ପରେ ଆଉ ଦଶ କୋଡିଏ ହଜାର ବାହାରୁଛି।

ନିଜ ନିଜ କାମରେ ବ୍ୟସ୍ତ ଥିଲେ ବି ସାଗର ଆଉ ସ୍ୱାତୀ ସମୟ ବାହାର କରି ଭେଟ ହୁଅନ୍ତି । କଥା ହୁଅନ୍ତି । ସୁରୁଜ ନଇଁ ନଇଁ ଆସିଲା ବେଳକୁ କୁଆଖାଇ ନଦୀ ପଠାରୁ ଦୁହେଁ ଫେରୁଥାନ୍ତି ଘର ଆଡ଼କୁ । ଆଜି ସଂଧ୍ୟାରେ ସାଗରକୁ ଜୋରରେ ଜାବୁଡ଼ି ଧରେ ସ୍ୱାତୀ । ସ୍ୱାତୀ ଆଖିରେ ଲୁହ । କ'ଣ ଆମେ ଏକାଠି ଖୁସିରେ ରହି ପାରିବାନି । ଆମ ସ୍ୱପ୍ନ କ'ଣ ସ୍ୱପ୍ନରେ ରହିଯିବ । କାଇଁ ଆଜି ଏମିତି କହୁଛ । ବାପା ମୋ ପାଇଁ ବାହାଘର ଠିକ୍ କରିଛନ୍ତି । ପୁଅ ଘର କଟକରେ, ସେ ଏଇରାଜଧାନୀରେ ଗୋଟେ ଭଲ କଲେଜରେ ଲେକଚର ଅଛି । ସତୁରି ହଜାର ଦରମା । ଭାଇ ଭଉଣୀ କେହି ନାହାନ୍ତି । ବାପା ମାଆ ବି ଚାଲି ଯାଇଛନ୍ତି ଚାରିବର୍ଷ ତଳେ ଗୋଟେ ସଡକ ଦୁର୍ଘଟଣାରେ, କଟକରେ ତାର ତିନି ମହଲା କୋଠା ଆଉ ଦୁଇ ଦୁଇଟା କାର୍ ଦେଖି ବାପା କଥା ପକ୍କା କରି ଆସିଛନ୍ତି । କାଲି ସେ ମୋତେ ଦେଖିବାକୁ ଆସୁଛି । ସ୍ୱାତୀକୁ ଛାତି ଉପରୁ ଦୁରେଇ ଦେଇ ଟିକେ ଦୂରକୁ ଆସି ସାଗର କହିଲା, ସେଠି ଭଲ ଘର ଭଲ ବର ସତୁରି ହଜାର ଦରମା । ଆଉ ଏଠି ଦଶ କୋଡିଏ ହଜାର ଲାଭରେ ବ୍ୟବସାୟ ଆରମ୍ଭ କରିଥିବା ଗୋଟେ ଲୋ ଷ୍ଟାଣ୍ଡାର୍ଡ ପିଲା । ତା ଛଡା ତୁମେବି ସୁନ୍ଦରୀ ଶିକ୍ଷିତା ସରକାରୀ ଚାକିରି କରିଛ । ମୁଁ ଆଉ କ'ଣ କରି ପାରିବି । ଦୁହେଁ ଘରକୁ ଫେରିଲେ ଆକାଶ ଅନ୍ଧାର ହେଲା ପରେ କେତୋଟି ତାରା ମିଞ୍ଜି ମିଞ୍ଜି ଆଲୁଅ ଦେଉଥିଲେ ଯାହା ।

ସ୍ୱାତୀର ଏକା ଜିଦ ସେ ସାଗରକୁ ବାହାହେବ । ବାପାଙ୍କ ରାଗ ପଞ୍ଚମରେ। କ'ଣ ଅଛି ସେ ସାଗରର, ବୋପାତ ରିଟାର୍ଡ ହେଲାଣି । କେଇଟା ଟଙ୍କା ପେନସନ ପାଉଥିବ । ପୁଅ ହାତରେ ତ ଚାକିରି ବାକିରି ହେଲାନି ।ବିଜନେସ କରୁଛି ଶାଢ଼ି ବିଜନେସ । ଜେନା ବାବୁ ଫୋନ କରି ସାଗର ବାପାଙ୍କୁ ସବୁ କଥା କହିଦେଲେ । ଆଉ ହଁ ଏକଥାବି କହିଦେଲେ, ପୁଅକୁ ଟିକେ କହିଦେବେ ମୋ ଝିଅଠୁ ଦୁରେଇ ରହିବ । ଆଉ କିଛି ଦିନ ଗଲେ ମୋ ଝିଅର ବାହାଘର ହେବ ଜୋଇଁ ସରକାରୀ ଚାକିରି କରିଛି ମାସକୁ ସତୁରି ହଜାର ପାଉଛି ।

ସକାଳ କଥା ସଂଜକୁ ନଥିଲା ପରି ଏ ସମୟ ବି ଅଟକି ନାହିଁ । ଯାଭିତରେ ପାଞ୍ଚବର୍ଷ ବିତିଗଲାଣି ସ୍ୱାତୀ ବାହାହେଇଛି ସତ। ତା'ର ତିନିବର୍ଷର ଗୋଟେ ଝିଅ। ଦୁହିଁଙ୍କ ଦରମା ମିଶି ଏବେ ଲକ୍ଷେ ଅଶୀ ହଜାର ହେଲାଣି । ହେଲେ କ'ଣ ହେବ ଜୀବନରେ ସୁଖ ଟିକେ ନାହିଁ । ରଞ୍ଜନ ବାବୁ ଆଉ ଆଗ ଭଳି ନାହାନ୍ତି । ଏବେ ପୁରା ବଦଳି ଯାଇଛନ୍ତି ସତରେ । ଆଉ ଜଣେ କୋଉ ସୁନ୍ଦରୀ ଅଧ୍ୟାପିକା ପ୍ରେମରେ ସେ ମାତାଲ। ଏ ଜଣେ ବିବାହିତ ପୁରୁଷ ଘରେ ସ୍ତ୍ରୀ ଅଛି ତିନିବର୍ଷର ଝିଅ । କେଡେ ଅଲାଜୁକି ସେ ଆର ଜଣକ ସତରେ।

ମୋବାଇଲରେ ମେସେଜ ଭିଡିଓ କଲ ଘଣ୍ଟା ଘଣ୍ଟା କଥା ଆଉ ସ୍ୱାତୀ ଅଭିଯୋଗ କଲେ ତା ଉପରେ ମାଡ଼ । କଥାଟା ଯେବେ ଅସହ୍ୟ ହୋଇଗଲା । ସ୍ୱାତି ହରେଇ ବସିଲା ତା ସ୍ତ୍ରୀର ଅଧିକାର । ବିଷମୟ ପରିବେଶ ଆଉ କଣ୍ଟା ବିଛା ରାସ୍ତାରେ ଆଉ କେତେଦିନ ରହିଥାନ୍ତା। ଚାଲିଆସିଲା ବାପାଙ୍କ ପାଖକୁ ସାଙ୍ଗରେ ଛୋଟ ଝିଅକୁ ଧରି । ରଞ୍ଜନ ଏବେ ହାଇକୋର୍ଟରେ କେଶ୍ କରିଛନ୍ତି ଛାଡପତ୍ର ଦେବା ପାଇଁ । ଆଉ ଏବେ ସେ ଘର ଭଙ୍ଗେଇ କ୍ୟାରେକ୍ଟର ଲେସ ଲେଡି ଟା ଅବାଧରେ ବିଚରଣ କରୁଛି ରଞ୍ଜନ ବାବୁଙ୍କ ଦେହ ଆଉ ମନ ଗହନର ଇଲାକା ଭିତରେ ।

ଆଉ ଏପଟେ ସାଗର ଏବେ ଖୁବ ଭଲ ବ୍ୟବସାୟ କରୁଛି । ଏବେ ତା ପାଖରେ ଦଶ ଜଣ ଲୋକ କାମ କଲେଣି । ତା କମ୍ପାନୀର ଶାଢ଼ିର ଏବେ ଭାରି ଚାହିଦା। ସାଗରର ମାସିକ ଆୟ ଏବେ ତିନି ଚାରି ଲକ୍ଷରେ ପହଞ୍ଚିଲାଣି । ହେଲେ ସାଗର ଆଜିବି ଏକା । ଆଜି ହୋଲି ସବୁ ଛୁଟି କିଛି କାମ ନାହିଁ । ସମସ୍ତେ ରଙ୍ଗ ଖେଳିଲେ ହେଲେ ସ୍ୱାତୀ ଆଉ କାହାର ହେଲାପରେ ସାଗରର ଜୀବନ ଫିକା ଫିକା । ଆଜି ନୁହଁ ଏଇ ଚାରି ପାଞ୍ଚ ବର୍ଷ ହେଲା ସାଗର ଆଉ ରଙ୍ଗ ଖେଳୁନି । କଣ କରିବ ଘରେ ବସି । ଟିକେ କୁଆଖାଇ ନଦୀ ଆଡେ ବୁଲିବାକୁ ଚାଲିଗଲା ସାଗର । ସବୁଠି ସେଇ ସ୍ୱାତୀର ସ୍ମୃତି। ଏଇଠି ଆମେ ବସୁଥିଲୁ କଥା ହେଉଥିଲୁ। ସ୍ୱାତୀ କୋଳରେ ମୁଣ୍ଡ ରଖି ମୁଁ କେତେ ସ୍ୱପ୍ନ ଦେଖୁଥିଲି । ସ୍ୱାତୀ ଗାଲରେ ଛୋଟିଆ ଚୁମ୍ବନ ଟିଏ ଆଙ୍କି ଦେଇ ବାହୁ ବନ୍ଧନରେ ବାନ୍ଧି ନେଲା ବେଳକୁ, ସ୍ୱାତୀ ଲାଜେଇ ଦଉଡି ଯାଉଥିଲା ଦୂରକୁ । କାଲି ଦେଖା ହେବା ଆଜି ପାଇଁ ଏତିକି କହି ସ୍ୱାତୀ ଆଉ କାହାର ହେଇଗଲା ତା ବାହାଘର କୁ ଡାକିଥିଲା। ହେଲେ ମୁଁ ଯାଇ ପାରିଲିନି । କେମିତି ଯାଇଥାନ୍ତି ଏତେ ଭଲ ପାଉଥିବା ମଣିଷକୁ ଆଉ କାହାର କନିଆଁ ସାଜିଥିବାର ଦେଖି ମୁଁ ସହି ପାରିଥାନ୍ତି ସତରେ। ଏମିତି ଅତୀତର ଗୁଡାଏ ଅଡୁଆ ତଡୁଆ ସୂତାକୁ ଖୋଲିବାକୁ ଯାଇ ସାଗର ଆଖିରେ ଲୁହ ଚାଲି ଆସିଥିଲା । ସେ ଜୋରରେ କାନ୍ଦୁଥିଲା ତା କାନ୍ଦର ସ୍ୱର ଶୁଣିବାକୁ ତା ପାଖରେ କେହିବି ନଥିଲେ । ହଠାତ କାହାର ହାତ ସ୍ପର୍ଶରେ ଚମକି ପଡିଲା ସାଗର, ପାଖରେ ଥିଲା ସ୍ୱାତୀ। ଆହୁରି ଜୋରରେ କାନ୍ଦି ଉଠିଲା ସାଗର , ଭାବ ବିହ୍ୱଳ ରେ ସ୍ୱାତୀକୁ କୋଳେଇ ନେବାର ପ୍ରଚେଷ୍ଟା ତାର ଅଧାରେ ରହିଗଲା । ସ୍ୱାତୀ ପାଖରେ ଥିଲା ତିନିବର୍ଷର ଝିଅ ତିତିଲି ।

ସାଗର ଆଉ ସ୍ୱାତୀ ଦୁହେଁ ଆଗକୁ ଆଗକୁ ଚାଲୁଥିଲେ । ଦୁହେଁ ବାଣ୍ଟି ଚାଲିଥିଲେ ନିଜର ସୁଖ ଦୁଃଖ ଏଇ ଚାଲୁ ଚାଲୁ କେତେବେଳେ ତିତିଲିକୁ କାଖେଇ ନେଥିଲେ ସାଗର। ସ୍ୱାତୀର ହାତ ଆପେ ଆପେ ଲାଗି ଆସୁଥିଲା ସାଗର ହାତ ଆଡ଼କୁ । ଦୁହେଁ ଆଗେଇ ଚାଲିଥିଲେ । ସଞ୍ଜ ଗଡ଼ି ଆସୁଥିଲା କଳା ବଉଦର ଛାତି ଚିରି ଆକାଶରେ ଉଇଁ ଆସୁଥିଲା ପୁନେଇଁ ଚାନ୍ଦ, ଆଉ ବହୁଦିନ ପରେ

ସିଦ୍ଧେଶ୍ୱର ତ୍ରିପାଠୀ

କୃଷ୍ଣିଲୋ କେରଙ୍ଗ ଖୋର୍ଦ୍ଧା।
୭୦୦୮୩୧୫୦୪୦

## ନୀରବ ଝଡ଼ର ସାକ୍ଷୀ

ଶୀତ ସରି ସରି ଆସୁଛି। ବସନ୍ତର ଆଗମନ ପୂର୍ବରୁ ପତ୍ରଝଡାର ସମୟ ଆସିଛି। ଗଛରେ ପତ୍ର ଥିଲା ବେଳେ ସବୁଜ ପୃଥିବୀଟିଏ ଗଢିଉଠିଥାଏ ପକ୍ଷୀଙ୍କ ପାଇଁ। ପତ୍ରଝଡ଼ା ପରେ ତଳେ ଗଦେଇ ହୋଇ ପଡ଼ିଥିବା ହଳଦିଆ ଶେଜ ଉପରେ ଗାଈ ବଳଦ ଷଣ୍ଢ ଓ କୁକୁରଙ୍କର ହକ ପାଲଟେ ଯେମିତି । ସତରେ ପ୍ରକୃତିର କେତେ ସମ୍ଭାର ଏଇ ପଶୁ ପକ୍ଷୀ ମାନଙ୍କ ପାଇଁ ତା ଭିତରେ ଗୋଟେ ଦୁର୍ଘଟଣା ଘଟିଗଲା ସେଦିନ। ପକ୍ଷୀ ଡ଼ାଳରେ ବସା ବାନ୍ଧି ରହିଥିବା ରଙ୍ଗ ବେରଙ୍ଗର ପକ୍ଷୀମାନେ ଅଣ୍ଡା ଉଷୁମେଇବା ସମୟକୁ ଏ ପତ୍ରଝଡା ସମୟ ବାଧକ ସାଜିଲା ବଣି ଚଢେଇଟି ପାଇଁ। ତଥାପି ପିତା ମାତା ସାଜିଥିବା ବଣି ଦମ୍ପତି ପାଳି କରି ଜଗିରହିଥାଆନ୍ତି ପକ୍ଷୀ ଅଣ୍ଡା ଗୁଡିକୁ । କୁନି କୁନି ଛୁଆ ସବୁ ବାହାରି କିଚିରି ମିଚିରି ଶବ୍ଦ ସହିତ ଆଁ କରି ଚାହିଁଥାନ୍ତି ମାଆ ବଣି ବା ବାପା ବଣିଙ୍କ ଫେରିବା ପଥକୁ। କେବେ ମାଆ ବଣି ଚଢେଇ ଆହାର ଦେଇଯାଏ ତ କେବେ ବାପା ବଣି ଚଢେଇ ଆହାର ଦେଇଯାଏ। ପିଲାଙ୍କ ଦେହରେ ରୁମ ଉଠି ପ୍ରକାଶିତ ହେଲା ବେଳକୁ ଦେଖାଗଲା ତା ଭିତରେ ସମ୍ପୂର୍ଣ୍ଣ ହଳଦିଆ ରଙ୍ଗର ବଣି ଚଢେଇଟିଏ ଅନ୍ୟ ମାନଙ୍କଠାରୁ ଖୁବ ନିଆରା। ତାକୁ ଦେଖି ଖୁସି ହେବା ପରିବର୍ତ୍ତେ ମାଆ ଓ ବାପା ଚଢେଇ ଭିତରେ କଳି କଜିଆ ଲାଗିଲା ତ ବାପା ପକ୍ଷୀ ଉଡ଼ିଗଲା ସମସ୍ତଙ୍କୁ ଛାଡ଼ି। ମାଆ ମଧ୍ୟ ସଭିଙ୍କ ପାଟିରେ ଖାଦ୍ୟ ଦେଲାବେଳେ ଦେଲାନାହିଁ ତା ପାଟିରେ। ଭାଇ ଭଉଣୀ ବଣି ଚଢେଇମାନେ ମଧ୍ୟ ଜାଗା ଦେଲେନାହିଁ ତାକୁ ବସାରେ। ଖସିପଡ଼ିଲା ଗଛ ତଳକୁ ଚଢେଇଟି। ତଳେ ଝଡାପତ୍ର ଗହଳି ଭିତରେ ବଞ୍ଚୁଥିଲା ସେ। ଉଷୁମ ପାଇ ଖାଉଥିଲା ପୋକ ଜୋକ। ଦିନେ ହଳଦୀ ବସନ୍ତ ତାକୁ ଦେଖି ତା ପାଖକୁ ଆସିଲା ତା ସହ ଥଣ୍ଟ ଘଷି ସ୍ନେହ ମମତା ଅଜାଡି ଦେଲା ଓ ସାଙ୍ଗରେ ନେଇ ଉଡ଼ିଗଲା। ଯାହା ହେଉ ପକ୍ଷୀଟି କୂଳରେ ଲାଗିଗଲା ବୋଲି କହିଲେ ଛାତ ଉପରୁ ଏସବୁ ଲକ୍ଷ୍ୟ କରୁଥିବା ସୁଲୋଚନା।

ସାତଭାଇରେ ତଅପୋଇ ଯେମିତି ବାପା ମାଆଙ୍କ ପରେ ଭାଉଜ ମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥିଲେ ସେ ମଧ୍ୟ ତାଙ୍କ ରଙ୍ଗ କଳା ପାଇଁ ଅଣହେଳାର ଶୀକାର ହୋଇଥିଲେ। ତ ଭାବୁଥିଲେ ତିନିଭାଇରେ ଗୋଟିଏ ଝିଅ ବୋଲି ବାପା ମାଆ ଏତେ ଶ୍ରଦ୍ଧା କରୁଥିବା ବେଳେ,ପ୍ରକୃତିରେ କୋଇଲିର ରଙ୍ଗ କଳା ହୋଇଥିଲେ ମଧ୍ୟ ସେ ତାର କଣ୍ଠ ଯୋଗୁଁ ଆଦର ପାଏ। କାଉ କଳା ହୋଇଥିଲେ ମଧ୍ୟ ତାର ବୁଦ୍ଧି ଓ ପରିବେଶର ସୁରକ୍ଷା ପାଇଁ ସେ ଚର୍ଚ୍ଚିତ। ଓଡ଼ିଆ ମାନଙ୍କ ଆରାଧ୍ୟ ଠାକୁର ଜଗନ୍ନାଥ ମଧ୍ୟ କାଳିଆ ଠାକୁର। ତେବେ ତାଙ୍କ କଳା ରଙ୍ଗ ପାଇଁ ସେ କାହିଁକି ନିର୍ଯାତିତ ଓ ନିଷ୍ପେସିତ ଏବେ ଏବେ ତାଙ୍କର ଧାରଣା ବଦଳିବାକୁ ଲାଗିଲା। ହଳଦିଆ ବଣିଟିକୁ କଳା ପାଇଁ ନୁହଁ ବରଂ ଭିନ୍ନତା ପାଇଁ ନିରୀହ କ୍ଷୁଦ୍ର ବୁଦ୍ଧି ସମ୍ପନ୍ନ ଚଢେଇ ଚିହ୍ନି ପାରିଲା ନାହିଁ ଯେ ସେ ଏକ ବଣି। ଠିକ ସେମିତି ତା ରଙ୍ଗ ଦେଖି ହଳଦୀବସନ୍ତ ଭାବିନେଲା ଏ ତା ଛୁଆ। କାରଣ ସେତେବେଳକୁ ଗଛରୁ ନେଳି ପତ୍ର ପାଚିଲାରେ ପରିଣତ ହୋଇ ଖସିପଡିବା ଭିତରେ ହଳଦୀ ବସନ୍ତର ବସା ମଧ୍ୟ ଖସି ପଡିଥିଲା ତଳକୁ । ମଲୁ ଖୋଜୁଥିଲା କାକର ପାଣି.. ବଇଦ କହିଲା ଦେ ତୋରାଣୀ ପରି ହଳଦିଆ ବଣିର ସାହାରା ବନିଗଲା ହଳଦିବସନ୍ତ ମାଆ ଚଢେଇ। ଝଡି ପଡ଼ିଥିବା ପତ୍ର ଭିତରୁ ଖଣ୍ଡି ଉଡ଼ା ଶିଖେଇ ନେଇଗଲା ସାଙ୍ଗରେ। ତେବେ ସୁଲୋଚନା କାହିଁକି ଭାଙ୍ଗିପଡ଼ିବେ ?

ଯାହା କରନ୍ତି ସାଇଁ ତାହା ସବୁରି ମଙ୍ଗଳ ପାଇଁ ଭାବି ଭାଷା ସାହିତ୍ୟର ଉନ୍ନତି ପାଇଁ ଲାଗିପଡ଼ିଥିବା ସୁଲୋଚନା ସେଦିନ ଏକକାଳୀନ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ ଭୁବନେଶ୍ୱର ଠାରେ ପୁରସ୍କୃତ ହେବାକୁ ଚିଠି ପାଇ କୁଆଡେ ଯିବେ ସ୍ଥିର କରିନପାରି ଝରକା ସେପଟେ ତିନିଗୋଟି ଗିନାରେ ଚାଉଳ ଭରି ରଖୁଥିଲେ। ସବୁଦିନ ପରି ବଣି ଚଢେଇମାନେ ଆସି କୋଉ ଗିନାରୁ ଚାଉଳ ଖାଇ ପାଣି ପିଇବାକୁ ଆସୁଛନ୍ତି ପରଖି ଯୋଉ ଗିନାରେ ଆଗ ଥଣ୍ଟ ମାରିବେ ସେଇ ଗିନା ଅନୁଯାଇ ପଞ୍ଚାୟତ ବା ବ୍ଲକ ବା ଭୁବନେଶ୍ୱର ଯିବେ ଚିନ୍ତା କଲା



ବେଳକୁ ସେଇ ହଳଦିଆ ବଣିଟି କୋଉଠି ଥିଲା ଝଡା ପତ୍ର ଗହଳ ଭିତରୁ ଉଡିଆସି ବ୍ଲକ ସ୍ତରୀୟ ଚିଠି ଅନୁଯାୟୀ ଗେଷ୍ଟ ହେବାକୁ ଚିହ୍ନିତ ଥିବା ଖୁଦ ଗିନାରେ ପ୍ରଥମେ ମୁହଁ ମାରିଥିଲା। ସଭାରେ ଭାଷା ସାହିତ୍ୟର ପ୍ରାଚୀନ, ମଧ୍ୟମ ଓ ଆଧୁନିକ ସ୍ତର କହିବା ବେଳେ ହଳଦିଆ ବଣିଟିର ଜୀବନ କାହାଣୀ ସମ୍ବଳିତ ସାହିତ୍ୟ ତଥ୍ୟ ପ୍ରଦାନ କରିବାକୁ ଭୁଲି ନଥିଲେ ସୁଲୋଚନା। ଚଢ଼େଇ ପରି ସରଳ, ଆମାୟିକ ଓ ପ୍ରକୃତିର ସହାୟତାରେ ତଥା ସହୃଦୟତାରେ ବଞ୍ଚି ଶିଖୁଥିବା ଚଢେଇଠାରୁ ମଣିଷ ଅନେକ କଥା ଶିଖିପାରେ କହୁଥିଲେ ସୁଲୋଚନା। ମଣିଷକୁ ଗଛ ଓ ବୟସକୁ ଗଛର ପତ୍ରଝଡା ସମୟ ସହିତ ତୁଳନା କରି ସୁଲୋଚନା କହୁଥିଲେ ସମସ୍ତେ ପର କରିଦେଉଥିଲେ ବି ଈଶ୍ୱର ଦେଇଥିବା ସୃଜନୀ ଭିତରେ, ବୟସର ଅପରାହ୍ନରେ ପତ୍ରଝଡା ଦେଇଥିବା ମଣିଷ ମଧ୍ୟ ଅଲୋଡ଼ା ନହୋଇ ବଞ୍ଚିପାରେ ପ୍ରକୃତିରେ ଥିବା ଚଢେଇ ଭଳି କ୍ଷୁଦ୍ର ଅଥଚ ଜ୍ଞାନବର୍ଦ୍ଧକ ଜୀବଜନ୍ତୁ, ପଶୁପକ୍ଷୀ ଓ ବୃକ୍ଷଲତା ଭିତରେ ଥିବା ନୀରବ ଜ୍ଞାନ ଆଲୋକରେ।

ସୁନନ୍ଦା ମହାନ୍ତି

ସାକ୍ଷୀଗୋପାଳ,
ପୁରୀ , ମୋ-୯୦୪୦୯୭୭୩୨୭

## ବୋଉର ସ୍ୱଭାବ.................

ରାମଚନ୍ଦ୍ର ବେହେରା

ନୂଆ ଭାଉଜ ଆମଘରକୁ ଆସିଲେଣି ତିନିମାସ ହେବ।ରନ୍ଧାରନ୍ଧିରେ ମାଷ୍ଟର ପିସ୍। ବୋଉର ବରାଦ ଅନୁସାରେ ସାରା ଆଇଟମ୍ ତିଆରି କରିଦିଅନ୍ତି ସେ ଠିକ୍ ସମୟରେ। ରୋଷେଇ ପରେ ସମସ୍ତଂକୁ ଖାଇବାକୁ ଦିଏ, ବୋଉ। ବଢାବଢିରେ ପାତର ଅନ୍ତର କରିବା ତାର ପୁରୁଣା ଅଭ୍ୟାସ।

ସେଦିନ ଭାଉଜ ମୋବାଇଲରେ କଥା ହେଉଥିଲେ ତାଙ୍କ ମାଆଙ୍କ ସହିତ। କବାଟ ବନ୍ଦ ଥିଲେବି ଭାଉଜଙ୍କ କଥା ସ୍ପଷ୍ଟ ଶୁଭୁଥିଲା, ସନ୍ଧ୍ୟାକୁ। ଖାଇବା ପାଇଁ ହଇରାଣ ହେବାକୁ ପଡୁଛି ବୋଲି ସେ କହୁଥିଲେ। ତାଙ୍କ ଖାଇଲା ବେଳକୁ ପ୍ରାୟ ତରକାରୀ ନଥାଏ ବୋଲି କହି ସୁଁ ସୁଁ ହୋଇ କାନ୍ଦୁଥିଲେ।

ତା'ପର ଦିନ କଲେଜ ନଯାଇ ଘରେ ରହିଲା, ସନ୍ଧ୍ୟା। ଦିପହର ଖାଇଲାବେଳେ ଭାଉଜଙ୍କୁ ଡାକିଲା ମିଶି କରି ଖାଇବା ପାଇଁ।

ସନ୍ଧ୍ୟାର କଥା ନସରଣୁ ବୋଉ କହିଲା, ସେ ସମସ୍ତେ ଖାଇ ସାରିଲା ପରେ ଖାଇବ। ସେଇଆ ତ ସେ ଚାହୁଁଥିଲା। ଭାଉଜ କେତେବେଳେ ଖାଇବେ ସେ ପ୍ରତି ନଜର ରଖି ଟିଭି ଆଡକୁ ଧ୍ୟାନ ଦେଲା ସନ୍ଧ୍ୟା। ସତକୁ ସତ ଭାଉଜ ଖାଇଲା ବେଳକୁ ଚିଙ୍ଗୁଡି ତରକାରୀ ନଥିଲା। ଡାଲି, ବଡିଚୁରା ଓ କାକୁଡି ଦିପିସ୍ ଲଗେଇ କେମିତି ଖାଇବେ ସେ। ବୋଉକୁ ପ୍ରଶ୍ନକଲା ସନ୍ଧ୍ୟା, ଭାଉଜଙ୍କ ପାଇଁ ଚିଙ୍ଗୁଡି ତରକାରୀ କାହିଁକି ନାହିଁ ଉତ୍ତର ମିଳିଲା ସମସ୍ତଙ୍କ ଦେଉ ଦେଉ ସରିଗଲା। ଠିକ୍ ଅଛି, ମୁଁ ବାହା ହୋଇ ଗଲାପରେ ମୋ ଶାଶୁ ଯଦି ଠିକ୍ ଏହିପରି ପରିସ୍ଥିତି ଠିଆ କରନ୍ତି, ତତେ କେମିତି ଲାଗିବ ବୋଉ।ବୋଉ କିଛି ନକହି ମୁହଁ ଶୁଖାଇଦେଇ ଯିବା ସମୟରେ, ସନ୍ଧ୍ୟା ଅନ୍ ଲାଇନ୍‌ରେ ଆଗରୁ ମଗାଇଥିବା ମଟନ୍ କରି ପ୍ୟାକେଟଟିକୁ ଭାଉଜଙ୍କୁ ବଢାଇ ଦେଇ କହିଲା, ଏଇଟା ନିଅ ଭାଉଜ ଓ କାହାକୁ ଅପେକ୍ଷା ନକରି ଶୀଘ୍ର ଖାଇଦିଅ। ଦେବା ସମୟରେ ହସି ହସି କହିଲା ସନ୍ଧ୍ୟା, ଏଇଟା ତୁମପାଇଁ ବୋଉ ମଗାଇ ଥିଲା ମୁଁ ନୁହେଁ।

ସେଇ ଦିନଠୁ ବୋଉର ସ୍ୱଭାବର ବିନିମୟ,ଶାଶୁ ରୂପରେ ନୁହେଁ ମାଆ ରୂପରେ ଆଣି ଦେଇଥିଲା ଚେନାଏ ହସ ଭାଉଜଙ୍କ ଓଠରେ ସବୁଦିନ ପାଇଁ ।



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬

## ଫରକ୍..

ଆଜିକାଲି ଆମସହରରେ ଟିକିଏ ବେଶୀ ସ୍ୱଚ୍ଛତା ଅଭିଯାନ ଚାଲୁନାହିଁ ମଧୁ ନିଜସ୍ୱାମୀ ପ୍ରଭାକରଙ୍କୁ ପଚାରିଲା।

'ତମେ କ'ଣ ଜାଣିନ କି ? ପେପର ପଢୁନକି ଆଜିକାଲି ? ଆମସହରରେ ପ୍ରବାସୀ ଭାରତୀୟଙ୍କର ସମ୍ମିଳନୀ ହେବାକୁ ଯାଉଛି । ଯାହାଦ୍ୱାରା ଆମ ସହରରେ ରୋଜଗାରର ନୂଆ ଅବସର ଖୋଲିଯିବ । ଏହି ପ୍ରବାସୀ ଭାରତୀୟ ମାନେ ଆମ ସହରରେ ପୁଞ୍ଜି ନିବେଶ କରିବେ । ହସିହସି କହିଲେ ପ୍ରଭାକର' ।

'ହଁ..ହଁ..ମୁଁ ଜାଣିଛି । ଦେଶ-ଦୁନିଆର ଖବର ମୁଁ ମଧ୍ୟ ରଖୁଛି ।



ତା'ବୋଲି ଏମିତି ସଫା କରିବାର କଣ ଆବଶ୍ୟକତା ଅଛି । ଯେଉଁଥିରେ ଗରୀବମାନଙ୍କର ମୂଳୋତ୍ପାଟନ କରି ଦିଆଯିବ। ଯେଉଁଠି ସମ୍ମିଳନୀ ହେବାକୁ ଯାଉଛି ସେହି ସ୍ଥାନରୁ ସବୁ ଛୋଟଛୋଟ ଉଠା ଦୋକାନୀ ଆଉ ଠେଲାବେପାରୀଙ୍କୁ ହଟେଇ ଦିଆ ଯାଇଛି। ଗରୀବଙ୍କ ପେଟରେ ଲାତମାରିକି କୀର୍ତ୍ତିମାନ ସ୍ଥାପିତ କରିବା ଠିକ୍ ନୁହେଁ।

'କଥା କ'ଣ କି ପ୍ରିୟେ, ଆମ ଘରକୁ ଯେତେବେଳେ କୁଣିଆ ଆସନ୍ତି ସେତେବେଳେ ତାଙ୍କ ଉପରେ ନିଜର ପ୍ରଭାବ ପକେଇବା ପାଇଁ ଆମେ ଆମ ଘରକୁ ସଫା ସୁତୁରା କରୁ, ତାକୁ ଭଲରେ ସଜାଉ' । ସେହି ସମୟରେ ଯେଉଁ ଫାଲ୍ତୁ ଆଉ ଅଦରକାରୀ ଜିନିଷ ଆମ ଆଖିକୁ ଦେଖାଯାଏ ତାକୁ ଆମେ ହଟେଇ ଦେଉ । ବାସ୍ ଏଠି ମଧ୍ୟ ସେହି ସୂତ୍ରକୁ ପ୍ରୟୋଗ କରାଯାଉଛି । ପ୍ରବାସୀ ଭାରତୀୟଙ୍କ ଉପରେ ନିଜେ ପ୍ରଭାବ ଜମେଇବା ପାଇଁ ସହରକୁ ସ୍ୱଚ୍ଛ କରିବା ସହିତ ସୌନ୍ଦର୍ଯ୍ୟ କରଣ କରାଯାଉଛି ସହରର। ଆଉ ଏ ସବୁ କରିବା ଭିତରେ ଯେତିକି ଫାଲ୍ତୁ ଆଉ ଅଦରକାରୀ ଜିନିଷ ଅଛି ତାକୁ ହଟା ଯାଉଛି । ନିଜର ତର୍କ ରଖିଲେ ପ୍ରଭାକର ।

ତାଙ୍କ କଥା ଶୁଣି ମଧୁର କପାଳ କୁଞ୍ଚିତ ହେଇଗଲା ଟିକିଏ । ସେ ପଚାରିଲା, ତା' ହେଲେ କ'ଣ ଜିନିଷ ଆଉ ମଣିଷ

ମୂଳହିନ୍ଦୀ-ଶୀଲା ଶ୍ରୀ ବାସ୍ତବ
ଅନୁବାଦ-ମନୋଜ କୁମାର ବେହେରା



ଭିତରେ କିଛି ଫରକ୍ ନାହିଁ ?'

ମଧୁର ପ୍ରଶ୍ନଶୁଣି ନିରୁତ୍ତର ହେଇଗଲେ ପ୍ରଭାକର । କାହିଁକିନା ତାଙ୍କ ପାଖରେ କୌଣସି ଉତ୍ତର ନଥିଲା ଏହି ପ୍ରଶ୍ନର ।

ଫ୍ଲାଟ ନମ୍ବର-୨୧୭/ପି,
ବାୟାବାବାମଠ ଲେନ୍
ୟୁନିଟ୍-୯(ଫ୍ଲାଟ)
ଫୋନ୍-୭୯୭୮୮୩୦୬୧୧

## ଅମାନିଆ ବୋହୂ

ସତ୍ୟନାରାୟଣ ପ୍ରଧାନ



ଗାଁ ଗଣ୍ଡାରେ କଥାଟା ଚାରିଆଡ଼େ ବ୍ୟାପି ଯାଇଥିଲା । ବାହାଘର ଦଶ ବର୍ଷ ପରେ ଏତେ ବଡ ଘରର ବୋହୂ ହୋଇ ଶେଷରେ ଶାଶୂ ଶଶୁର ମୁହଁରେ ଜବାବ ଦେଇ କିଛି ଠିକ୍ କରିନାହିଁ । ନିଜ ଭିତରେ କଥାବାର୍ତ୍ତା ହେଉଥିଲେ। ସ୍ୱାମୀ ତାର ଏଭଳି ପରିସ୍ଥିତିରେ କାହାକୁ ଭୁଲ୍ ବୁଝିବ ଅଶାନ୍ତିରେ ଦିନ ଗୁଡାକ ତାର କଟି ଯାଉଥିଲା। ଶାଶୁଘର ଲୋକ ବୋହୂର ବାପଘର ଲୋକଙ୍କୁ ତୁରନ୍ତ ଆସିବାକୁ ଖବର ପଠାଇଥିଲେ। ସବୁ ବିଚାର ବିମର୍ଷ ପରେ ଝିଅକୁ



ତାର ସାଙ୍ଗରେ ନେଇ ବୁଝା ସୁଝା ପରେ ତାକୁ ଆଣି ଛାଡ଼ି ଦେବାକୁ ବୁଢ଼ା ବାପା ବିନୟ ହୋଇ ସମୁଦୀଙ୍କୁ ହାତ ଯୋଡ଼ି କହିଥିଲା।



ବିବାହ ପରଠାରୁ ସବୁ କିଛି ପ୍ରତିବାଦ ନ କରି ସହି ଯାଉଥିଲା ବୋଲି ତାକୁ ସଂସ୍କାରୀ ବୋହୂର ପ୍ରଶଂସା ମିଳି ଯାଉଥିଲା । ହରାଇ ବସିଥିବା ସ୍ୱାଧୀନତାର ଅଧିକାରକୁ ସାବ୍ୟସ୍ତ କଲାବେଳେ ତାକୁ ଅମାନିଆ ବୋହୂର ଆଖ୍ୟା ମିଳୁଛି। ବୋହୂ ଜଣଙ୍କ ନିଜ ଆଖିରୁ ବହି ଯାଉଥିବା ଲୁହକୁ ପୋଛି କାନ୍ଦି କାନ୍ଦି କହୁଥିଲା ।

ସେ ସମୟରେ ଉପସ୍ଥିତ ଥିବା ଶାଶୂ ଘର ପରିବାର ଲୋକ ମାନଙ୍କର ଆଖି ଓ କାନ ଥାଇ ନୀରବଦ୍ରଷ୍ଟା ପାଲଟି ଯାଇଥିଲେ । ମୁହଁ ଖୋଲି ପଦେ କହିବା ପାଇଁ ସେମାନଙ୍କୁ ସତେ ଯେପରି ବାରଣ କରା ଯାଇଥିଲା । ।

ଅଣ୍ଡିଆ , ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪

**ଆଇପିଏଲ ୨୦୨୪ରୁ ବାହାରିଲେ ମହମ୍ମଦ ଶାମି**



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୮ • ୨୩ ଫେବୃୟାରୀ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -31 • Issue-28 • 23rd February 2024, Friday • Bhubaneswar | Licensed to post without pre-payment of postage No- BN-60/22-24


# 'ଆକ୍‌ସେଞ୍ଚର'ର ଅତ୍ୟାଧୁନିକ ବୈଷୟିକ ଗବେଷଣା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨୨।୨

ନ୍ୟୁଜ୍ ବ୍ୟୁରୋ

ବିଶ୍ୱର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ସଂସ୍ଥା 'ଆକ୍‌ସେଞ୍ଚର'ର ଅତ୍ୟାଧୁନିକ ବୈଷୟିକ ଗବେଷଣା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭୁବନେଶ୍ୱରଠାରେ ଉଦ୍‌ଘାଟନ କରିଛନ୍ତି ।

'ଆକ୍‌ସେଞ୍ଚର' ହେଉଛି ବିଶ୍ୱର ଅନ୍ୟତମ ଅଗ୍ରଣୀ ବୃତ୍ତିଗତ ସେବା କମ୍ପାନୀ, ଭାରତରେ ୩ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀକାର୍ଯ୍ୟ କରୁଥିବା ବେଳେ ସମଗ୍ର ବିଶ୍ୱରେ ପାଖାପାଖି ୭,୪୩,୦୦୦କର୍ମଚାରୀ ଏହି ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି । ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଗତ ତିନି ଦଶନ୍ଧି ଧରି ଏହି ସଂସ୍ଥା ନିଯୁକ୍ତି ତଥା ନିବେଶ କ୍ଷେତ୍ରରେ ଏକ ଅଗ୍ରଣୀ



ଅନୁଷ୍ଠାନ । ଓଡ଼ିଶାରେ 'ଆକ୍‌ସେଞ୍ଚର'ର ପ୍ରତିଷ୍ଠା ଫଳରେ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଓଡ଼ିଶା ସମଗ୍ର ଭାରତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ।

ଏହି କେନ୍ଦ୍ରକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ, ଓଡ଼ିଶା ବର୍ଷ-ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଚାଲିଛି, 'ଆକ୍‌ସେଞ୍ଚର' ଓଡ଼ିଶାର ପ୍ରଗତି ଯାତ୍ରାରଆଉ ଏକ ସଫଳ କାହାଣୀ । ଖୁସିର ବିଷୟ ଯେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ 'ଆକ୍‌ସେଞ୍ଚର' ଏବେ ରାଜ୍ୟର କ୍ରମବର୍ଦ୍ଧମାନ ଅର୍ଥନୀତିଦ୍ୱାରା ପ୍ରଭାବିତ ହୋଇ ଭୁବନେଶ୍ୱରରେ ନିଜର ବୈଷୟିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛି । ଆମ ରାଜ୍ୟ ନୂତନ ଚିନ୍ତାଧାରା, ଉଦ୍ଭାବନ ଏବଂ ନୂତନ ଉଦ୍ୟୋଗକୁ ପ୍ରୋତ୍ସାହନ ଦେଇ ଦୃଢ଼ ଆତ୍ମବିଶ୍ୱାସର ସହଆଗକୁ ଆଗେଇ ଚାଲିଛି । ମୋର ଦୃଢ ବିଶ୍ୱାସ ଯେ ନୂତନ ଉଦ୍ୟୋଗ, ବୈଷୟିକ ଉଦ୍ଭାବନକୁ (ଭିତର ପୃଷ୍ଠାରେ)

# କୁକୁଡ଼ାଖଣ୍ଡି ଓ ଧରାକୋଟରେ ବିକାଶର ହିସାବ ଦେଲେ ୫-ଟି ଅଧ୍ୟକ୍ଷ

ଗଞ୍ଜାମ, ୨୨।୨ : ନ୍ୟୁଜ୍ ବ୍ୟୁରୋ

ଭଲ କାମ କଲେ ଟଙ୍କାର ଅଭାବ ରହିବନି । ପ୍ରଥମ କିସ୍ତି ପରେ ଦ୍ୱିତୀୟ ଓ ତୃତୀୟ କିସ୍ତି ମିଳିବ । ଏହା ଓଡ଼ିଶାର ଟଙ୍କା। ଏହାକୁ ସ୍ୱଚ୍ଛ ଭାବେ ଖର୍ଚ୍ଚ କରନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା କମ କହନ୍ତି, କାମ ବେଶି କରନ୍ତି । ଆପଣମାନଙ୍କୁ ସେ ବହୁତ ଭଲ ପାଆନ୍ତି । ତେଣୁ ଯୋଜନା ଉପରେ ଯୋଜନା କରୁଛନ୍ତି । ଏହାକୁ ଘରେ ଘରେ ପହଞ୍ଚାନ୍ତୁ। ଗଞ୍ଜାମ ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବେଲଗୁଣ୍ଠା ପରେ ଧରାକୋଟ-ସାନଖେମୁଣ୍ଡି ଗସ୍ତ କରି ଏହି ପ୍ରକାର ଅପିଲ କରିଛନ୍ତି । ବିଶାଳ ଜନସଭାକୁ ସମ୍ବୋଧିତ କରି ବିକାଶର ହିସାବ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ । ଏହି ଅଞ୍ଚଳରୁ ୬୫୦ ଦରଖାସ୍ତ ମିଳିଥିବା ବେଳେ ୬ଶହର ସମାଧାନ ହୋଇଛି । ଏଥିଲାଗି ୪୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଧରାକୋଟ ଜଗନ୍ନାଥ ମନ୍ଦିରକୁ ମୁଖ୍ୟମନ୍ତ୍ରୀ



ଖୁବ ଭଲ ପାଆନ୍ତି ।

ନିଜ ନୂଆ ବର୍ଷ ଶୁଭେଚ୍ଛା କାର୍ଡରେ ମନ୍ଦିରକୁ ସ୍ଥାନ ଦେଉଥିବା ମୁଖ୍ୟମନ୍ତ୍ରୀ ଏହାର ଉନ୍ନତି ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମନ୍ଦିରର ଉନ୍ନତି କାମ ଚାଲିଛି । ଆବଶ୍ୟକ ପଡିଲେ ଆହୁରି ଦେବେ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ । ପାଟପୁରରେ ମାଆ ରତନେଇ ମନ୍ଦିର ଲାଗି କୋଟିଏ ୩୦ ଲକ୍ଷ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । ଖୁବଶୀଘ୍ର ନୂଆ ରୂପରେ ମନ୍ଦିରକୁ ଦେଖିବାକୁ ପାଇବେ। ସେହିପରି କଙ୍କଡାହାଡ ସାଇନ୍ସ କଲେଜର ରୂପାନ୍ତରୀକରଣ ଲାଗି କୋଟିଏ ୫୦ ଲକ୍ଷ, ପାଟପୁର ବିଶ୍ୱାସରାୟ ସାଇନ୍ସ କଲେଜ ଲାଗି କୋଟିଏ ୫୦ ଲକ୍ଷ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଅଭିଭାଷଣ ବେଳେ ସ୍ଥଳରେ ମନ୍ଦିର, ଚର୍ଚ୍ଚ, ମସଜିଦ, କମ୍ୟୁନିଟି ସେଣ୍ଟର ଲାଗି ନୂଆ ଆବେଦନ ଗ୍ରହଣ କରି ୨୯ ତାରିଖ ସୁଦ୍ଧା ଖୁସି ଖବର ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ୫-ଟି ଅଧ୍ୟକ୍ଷ । ଲୋକଙ୍କ ସହ ଆଲୋଚନ କରି ସରକାରଙ୍କ ଯୋଜନା ସଂପର୍କରେ ସେ ଅପଡେଟ ନେଇଥିଲେ। ବିଭିନ୍ନ ଭତ୍ତା ବୃଦ୍ଧି ନେଇ ଲୋକଙ୍କୁ ପ୍ରଶ୍ନ ପଚାରିଥିଲେ । ନିକଟରେ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ୫ଶହରୁ ହଜାରେ ଟଙ୍କାକୁ ବୃଦ୍ଧି ହୋଇଛି। (ଭିତର ପୃଷ୍ଠାରେ)

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ୨୪ ସୂତ୍ରୀ ଯୋଜନା, ଜିଲ୍ଲାପାଳଙ୍କୁ ସତର୍କ କଲେ ଏସ୍‌ଆରସି

ଭୁବନେଶ୍ୱର, ୨୨।୨

ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି । ଗ୍ରୀଷ୍ମ ମୁକାବିଲା ପାଇଁ ରାଜ୍ୟ ସରକାର ଏକ ୨୪ ସୂତ୍ରୀ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ଏହାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସ୍ୱତନ୍ତ୍ର ରିଲିଫ



କମିଶନର ସତ୍ୟବ୍ରତ ସାହୁ ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଗ୍ରୀଷ୍ମ ପ୍ରବାହ ଜନିତ ବିପଦ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଅଭିଯାନ ଆରମ୍ଭ କରିବାକୁ ଏସ୍‌ଆରସି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପାଣିର ଅଭାବ ଅନେକ ସମୟରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସହିତ ଜଡିତ ହେଉଥିବାରୁ ଏହି ଦିଗକୁ ଧ୍ୟାନ ଦେବା ଏବଂ ଜଳ ଅଭାବ ଅଞ୍ଚଳକୁ ଚିହ୍ନଟ ସହ ସମ୍ପୃକ୍ତ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ନଳକୂପ ଓ ପାଇପ (ଭିତର ପୃଷ୍ଠାରେ)

# ଦେଶର ୩୦ଟି ସ୍ଥାନରେ ସିବିଆଇର ରେଡ୍

ନୂଆଦିଲ୍ଲୀ, ୨୨।୨

ଜମ୍ମୁ ଓ କଶ୍ମୀରରେ ଜଳବିଦ୍ୟୁତ ପ୍ରକଳ୍ପରେ ଦୁର୍ନୀତି ମାମଲା ନେଇ ଦେଶର ୩୦ଟି ସ୍ଥାନରେ ସିବିଆଇର ରେଡ ହୋଇଥିବା ଜଣାପଡିଛି। ଜମ୍ମୁ ଓ କଶ୍ମୀରର ପୂର୍ବତନ ଗଭର୍ଣ୍ଣର ସତ୍ୟପାଲ ମଲିକଙ୍କ ଘର ସମେତ ଅନ୍ୟାନ୍ୟ ସ୍ଥାନରେ ଏହି ଚଢଉ ହୋଇଛି । ଗତବର୍ଷ କେନ୍ଦ୍ର ସରକାରଙ୍କ ସମ୍ପର୍କରେ ଏକ (ଭିତର ପୃଷ୍ଠାରେ)

# ଲୋକଙ୍କୁ ଠକିଛି କଂଗ୍ରେସ..ବିଜେପି ଯାହା କହିଛି, ତାହା କରି ଦେଖାଇଛି : ରାଜନାଥ ସିଂହ

ନବରଙ୍ଗପୁର, ୨୨।୨

ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବିଜେପିର ଲୋକସଭା ଓ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇ କହିଛନ୍ତି ଯେ, ଓଡିଶାରେ ଏଥର ଡବଲ ଇଞ୍ଜିନ ସରକାର ଦରକାର । ତେଣୁ ଆପଣମାନେ ସମସ୍ତେ ଭାରତୀୟ ଜନତା ପାର୍ଟିକୁ ଆର୍ଶୀବାଦ କରନ୍ତୁ। ବିଜେପି ଯାହା କୁହେ, ତାହା କରିକି ଦେଖାଏ । ନରେନ୍ଦ୍ର



ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶକୁ ପ୍ରଗତି ପଥରେ ଆଗେଇ ନେଇଛନ୍ତି ।

ସେହିପରି ନବରଙ୍ଗପୁର ସଭାରେ ରାଜନାଥ ସିଂହ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଲମ୍ବା ସମୟ ଧରି ଦେଶର ଶାସନ କ୍ଷମତାରେ ରହିଥିଲା କଂଗ୍ରେସ । ଏହି ସମୟରେ କଂଗ୍ରେସ ନାରା ଦେଇଥିଲା ଯେ, କଂଗ୍ରେସ ସରକାରକୁ ବିଜୟୀ କରାଅ, ଦେଶରୁ ଗରିବି ହଟାଓ। କିନ୍ତୁ ଦେଶରୁ ଗରିବ ହଟିବ କଣ ଦିନକୁ ଦିନ ଏହି ସଂଖ୍ୟା ବଢିବାରେ ଲାଗିଥିଲା । ଲଗାତର ଭାବେ ଲୋକଙ୍କ ସହିତ ଛଳନା କରିଚାଲିଥିଲା କଂଗ୍ରେସ ପାର୍ଟି । ଆଉ ଏବେ ଆମ ସରକାର ଆସିବା ପରେ ପ୍ରଥମେ (ଭିତର ପୃଷ୍ଠାରେ)








# ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା : ଚଳଚଞ୍ଚଳ ମହିମା ପୀଠ

**ଆଠଗଡ, ୨୩/୨ ନ୍ୟୁଜ ବ୍ୟୁରୋ**

ଗୁରୁବାରଠାରୁ ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ଯୋରନ୍ଦା ଯାତ୍ରା । ଯୋରନ୍ଦା ମେଳା ପାଇଁ ଚଳଚଞ୍ଚଳ ମହିମା ପୀଠ । ସାଧୁସନ୍ଥ ଓ ଭକ୍ତ ମାନଙ୍କ ମୁହଁରୁ ନିସୃତ ଶୂନ୍ୟ ବ୍ରହ୍ମ ମହିମା ଅଲେଖ ବାଣୀରେ ପ୍ରକମ୍ପିତ ହେଉଛି ସାରା ପରିବେଶ । ମାଘ ଚତୁର୍ଦ୍ଦଶୀ ଅଲେଖ ଗୋସେଇଁଙ୍କ ଇହଲୀଳା ସମ୍ବରଣ ଦିବସଟି ମହିମା ଧର୍ମାବଲମ୍ବୀଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଯାହାକୁ ଦୀର୍ଘ ୧୫୧ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ମହାସମାରୋହରେ ପାଳନ କରାଯାଉଛି । ମେଳା ପାଇଁ ମହିମା ପୀଠରେ ଜମିଛି ସାଧୁସନ୍ଥଙ୍କ ଭିଡ । ମହିମା ମେଳାର ମୁଖ୍ୟ ଆକର୍ଷଣ ହେଉଛି ଝାଡବତୀରେ ମହଣ ମହଣ ଦେଶୀ ଘିଅ ଆହୁତି । ଯାହାକୁ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗୁଛି । ମହିମାପୀଠର ଉନ୍ନତିକରଣ ପାଇଁ



ରାଜ୍ୟ ସରକାର ୧୬୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଫଳରେ ମହିମା ସାଧୁଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଯୋରନ୍ଦା ମେଳା ପାଇଁ ଓଡ଼ିଶା ସମେତ ଛତିଶଗଡ଼, ଝାଡଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଆଦି ଅଞ୍ଚଳରୁ ୨୦ ହଜାରରୁ ଅଧିକ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଚଳିତ ବର୍ଷ ଯୋରନ୍ଦା ମେଳାକୁ ୧୫୧ ବର୍ଷ ପୂରିଛି । ମହିମା ଧର୍ମର ରୀତିନୀତି ଅନୁସାରେ ଚଳିତ ବର୍ଷ ୧୫୧ ତମ ପ୍ରଭୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି । ପ୍ରତି ବର୍ଷ ମାଘ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀରେ ମାଘ ମେଳା ଅନୁଷ୍ଠିତ ହୋଇଥାଏ । ଏହାର ପାଞ୍ଚ ଦିନ ପୂର୍ବରୁ ତଥା ଦଶମୀ ତିଥିରୁ ମହିମା ଗାଦିରେ ସନ୍ନ୍ୟାସୀଙ୍କ ସମାବେଶ ହୋଇଥାଏ । ଚଳିତ ବର୍ଷ ମେଳାକୁ ସୁରୁଖୁରରେ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଟ୍ରାଫିକ୍ ନିୟନ୍ତ୍ରଣ ସହ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି । ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ଜାତୀୟ ସର୍ଭେ ରିପୋର୍ଟ

# ୧୮ ଲୋକସଭା ଆସନରେ ଜିତିବ ବିଜେଡ଼ି

**ନୂଆଦିଲ୍ଲୀ, ୨୨/୨ ନ୍ୟୁଜ ବ୍ୟୁରୋ**

୨୦୨୪ ନିର୍ବାଚନ ଫଳାଫଳକୁ ନେଇ ଜାତୀୟ ସ୍ତରର ସର୍ଭେରେ ଚମକାଇଦେଲା ଭଳି ରିପୋର୍ଟ । ୨୦୨୪ରେ ବିଜେଡିକୁ ମିଳିବ ବଡ ସଫଳତା । ଲୋକସଭାରେ ବିଜେଡି ମାରିବ ବାଜି । ଏକ ଜାତୀୟ ସର୍ଭେରେ ଏଭଳି ତଥ୍ୟ ଆସିଛି । ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟର ୨୧ ଲୋକସଭା କ୍ଷେତ୍ର ମଧ୍ୟରୁ ବିଜେଡି ୧୮ଟି ଆସନ ଦଖଲ କରିବ । ଜାତୀୟ ସର୍ଭେରୁ ଏଭଳି ଆକଳନ ଆସିଛି ।



ବିଜେପି ୨ଟି ଆସନରୁ ଜିତିବାର ସମ୍ଭାବନା ଥିବା ବେଳେ କଂଗ୍ରେସ ଗୋଟିଏ ଆସନରୁ ଜିତିପାରେ । ୨୦୧୯ ନିର୍ବାଚନରେ ବିଜେଡି ୧୨ଟି ଆସନରୁ ଜିତିଥିବା ବେଳେ ବିଜେପି ୮ଟିରୁ ଓ କଂଗ୍ରେସ ଗୋଟିଏ ଆସନ ପାଇଥିଲା । ୨୦୨୪ରେ କିନ୍ତୁ ସରକାରଙ୍କ ଲୋକାଭିମୁଖୀ ଯୋଜନାରେ ରାଜ୍ୟବାସୀ ବିଜେଡିକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ସର୍ଭେ ଆକଳନ ଅନୁଯାୟୀ ୨୦୧୯ରେ କଂଗ୍ରେସ କୋରାପୁଟ ଲୋକସଭା ଆସନ ହାତେଇଥିଲା । ଏଥର କିନ୍ତୁ ଚିତ୍ର ବଦଳିଛି । କୋରାପୁଟ ଆସନଟି ଏବେ ବିଜେଡି ଖାତାକୁ ଯିବ ବୋଲି ଆକଳନ କରାଯାଉଛି । ସେହିପରି ଭୁବନେଶ୍ୱର, ବାଲେଶ୍ୱର ଓ ମୟୂରଭଞ୍ଜ ଆସନ ୨୦୧୯ରେ ବିଜେପି ଖାତାକୁ ଯାଇଥିବା ବେଳେ ୨୦୨୪ରେ ଏହି ତିନୋଟି ଯାକ ଆସନରେ ବିଜେଡି ବାଜିମାତ କରିବ ବୋଲି ଆକଳନ କରାଯାଉଛି । ସୁନ୍ଦରଗଡ, ବରଗଡ, ସମ୍ବଲପୁର, କଳାହାଣ୍ଡି ଓ ବଲାଙ୍ଗିର ପଶ୍ଚିମ ଓଡ଼ିଶାର ଏହି ୫ ଆସନରେ ବିଜେଡି କଡ଼ା ଟକ୍କର ଦେବ । ଏହି ୫ ଲୋକସଭା ଆସନ ମଧ୍ୟରୁ ବିଜେଡି ଦୁଇଟି, ବିଜେପି ଦୁଇଟି ଓ କଂଗ୍ରେସ ଗୋଟିଏ ଆସନରୁ ଜିତିବାର ସମ୍ଭାବନା ରହିଛି । ଏଭଳିକି ଓଡ଼ିଶାର ୨୧ ଲୋକସଭା ଆସନ ମଧ୍ୟରୁ ବିଜେଡି ୧୮ଟି ଜିତିବ । ବିଜେପି ୨ଟି ଓ କଂଗ୍ରେସ ଗୋଟିଏ ଆସନରୁ ଜିତିପାରେ ବୋଲି ଆକଳନ କରାଯାଉଛି । ଏହି ସର୍ଭେରୁ ପ୍ରମାଣିତ ହେଉଛି ଯେ ବିଜେଡି ସପକ୍ଷରେ ରାଜ୍ୟରେ ବ୍ୟାପକ ଜନସମର୍ଥନ ରହିଛି । ଗତ ୨୪ ବର୍ଷ ଧରି ବିଜେଡି ରାଜ୍ୟରେ କ୍ଷମତାରେ ଥିବା ସତ୍ତ୍ୱେ ସରକାର ବିରୋଧୀ ହାୱା ସୃଷ୍ଟି ହୋଇନାହିଁ । ବରଂ ବିକାଶମୂଳକ କାର୍ଯ୍ୟ ପାଇଁ ବିଜେଡି ପ୍ରତି ଜନସମର୍ଥନ ବଢୁଛି ।




# ମୁଁ ଲୋକଙ୍କ ପାଖକୁ ଯିବି ଓ ଲୋକଙ୍କ ସେବା କରିବି: ୫-ଟି ଅଧ୍ୟକ୍ଷ

**ବେଲଗୁଣ୍ଠା, ୨୩/୨ ନ୍ୟୁଜ ବ୍ୟୁରୋ**

ମୋ ଉପରେ ଟମାଟୋ, ଅଣ୍ଡା, ଚପଲ, କାଳିମାଡ, ଗୁଳିମାଡ କରନ୍ତୁ । କିଛି ପରବାୟ ନାହିଁ । ମୁଁ ଲୋକଙ୍କ ପାଖକୁ ଆସିବି ଓ ଲୋକଙ୍କ ସେବା କରିଚାଲିବି ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଗଞ୍ଜାମ ବେଲଗୁଣ୍ଠା ଗସ୍ତରେ ଯାଇ ଭରପୂର ଜନସଭାରେ ଉଦ୍‌ବୋଧନ ଦେଇ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି ଅନେକ ଲୋକ ଆସିବେ, ମଞ୍ଚଉପରେ ଭାଷଣ ଦେଇ ଚାଲିଯିବେ । ମାତ୍ର ମୁଁ ସେପରି ଲୋକ ନୁହେଁ । ଲୋକଙ୍କ ସେବା କରିଚାଲିବି । ୫-ଟି ଅଧ୍ୟକ୍ଷ କହିଛନ୍ତି ସେ ଗତଥର ସୋରଡା ଆସିବାବେଳେ ୪୪୦ଟି ଦରଖାସ୍ତ ପାଇଥିଲେ । ସେଥିରୁ ୪୦୦ଟି ସମସ୍ୟାର ସମାଧାନ ହୋଇଛି । ଅବଶିଷ୍ଟ ଦରଖାସ୍ତ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ । ବର୍ତ୍ତମାନ ସୁଦ୍ଧା ସ୍ଥାନୀୟ ଅଞ୍ଚଳର ବିକାଶ ଲାଗି ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ପିପଲପଙ୍କା ଜଳପ୍ରକଳ୍ପ ଲାଗି ୧ ହଜାର



କୋଟି ଟଙ୍କା ମଞ୍ଜୁର ହୋଇଛି । ବେଲଗୁଣ୍ଠା ସାଇନ୍ସ କଲେଜର ଉନ୍ନତି ଲାଗି ୨କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସୋରଡା ରଷିକୁଲ୍ୟା କଲେଜ ଲାଗି ୨ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସୋରଡା ଡିଗ୍ରୀ ଓ ଜୁନିୟର କଲେଜ ଲାଗି ୧ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ବେଲଗୁଣ୍ଠା ଓ ସୋରଡାର ସବୁ କଲେଜର ରୂପାନ୍ତରଣ ଲାଗି ଟଙ୍କା ମଞ୍ଜୁର ହୋଇସାରିଛି । ବ୍ରାହ୍ମଣ ଦେବୀ ମନ୍ଦିରର ଉନ୍ନତି ଲାଗି ୧ କୋଟି ୧୦ ଲକ୍ଷ ଟଙ୍କା ଏବଂ ମା'ଖୁଣ୍ଟେଶ୍ୱରୀ ମନ୍ଦିର ଲାଗି ୧ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ସେ କହିଛନ୍ତି । ତ୍ରିପଲପଙ୍କା ଡ୍ୟାମ ଓ ସୋରଡା ଜଳଭଣ୍ଡାର ବିସ୍ଥାପିତଙ୍କ ପଟ୍ଟା ସମସ୍ୟାର ସମାଧାନ ହୋଇଛି । ୬୦-୭୦ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ଅନ୍ତଘଟିବା ସହ ସମସ୍ତ ବିସ୍ଥାପିତ ପଟ୍ଟା ପାଇଛନ୍ତି । ବେଲଗୁଣ୍ଠାର ପିତଳ ମାଛ କାରିଗରୀକୁ ବିଶ୍ୱସ୍ତରରେ ପରିଚିତ କରାଯିବ । ଏ ଦିଗରେ ସହଯୋଗ କରିବା ଲାଗି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ୫-ଟି ଅଧ୍ୟକ୍ଷ । ସେ କହିଛନ୍ତି- ମନ୍ଦିର, ମସଜିଦ, ଚର୍ଚ୍ଚ ସମ୍ପର୍କରେ ୨୭ ତାରିଖ ସୁଦ୍ଧା ଖୁସି ଖବର ମିଳିବ । ଯେଉଁମାନେ ଭତ୍ତା ପାଇନାହାନ୍ତି ସେମାନଙ୍କୁ ବି ଖୁବ୍ ଶୀଘ୍ର ଭତ୍ତା ମିଳିବ । ରାଜ୍ୟ ସରକାର ଗର୍ଭବତୀଙ୍କ ଉନ୍ନତି ଲାଗି ମମତା ଯୋଜନା କରିଛନ୍ତି । ଆଗରୁ ଗର୍ଭବତୀଙ୍କୁ ୫ ହଜାର ଟଙ୍କା ମିଳୁଥିବାବେଳେ ବର୍ତ୍ତମାନ ୧୦ ହଜାର ଟଙ୍କା ସେମାନେ ପାଉଛନ୍ତି । ଆଗରୁ କଳାକାର ଓ ବୁଣାକାର ଭତ୍ତା ଥିଲା ୧୨ ଶହ ଟଙ୍କା । ବର୍ତ୍ତମାନ ତାହା ୨ ହଜାର ଟଙ୍କା ହୋଇଛି । ଯୁକ୍ତ ୩ ଛାତ୍ର ଲାଗି ନୂଆ-ଓରେ ୯ ହଜାର ଟଙ୍କା ବୃତ୍ତି ମିଳିବ । ସେହିପରି ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ବୃତ୍ତି ମିଳିବ । ୭ ଦିନ ମଧ୍ୟରେ ପିଲାଙ୍କ ଆକାଉଣ୍ଟକୁ ଟଙ୍କା ଯିବ । ବାପା-ମା'ଙ୍କ ଉପରେ ବୋଝ ହ୍ରାସ ଲାଗି ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ହାତକୁ ନେଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମା'ମାନଙ୍କୁ ୧୦ ଲକ୍ଷ, ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ସହାୟତା କରାଯାଉଛି । ଯୁବପିଢ଼ିଙ୍କୁ ବ୍ୟବସାୟ ଲାଗି ଲକ୍ଷେ ଟଙ୍କାଯାଏ ବିନା ସୁଧରେ ଋଣ ଯୋଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ବେଲଗୁଣ୍ଠା ପ୍ରବାଦପୁରୁଷ ବିଜୁବାବୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମମାଟି ବୋଲି କହିଥିଲେ କାର୍ତ୍ତିକ ପାଣ୍ଡିଆନ ।

# ସନ୍ଥ କବି ଭୀମ ଭୋଇଙ୍କ ଜ୍ଞାନ ପ୍ରାପ୍ତି ପୀଠକୁ ଆସିବେ ରାଷ୍ଟ୍ରପତି



**ଭୁବନେଶ୍ୱର, ୨୨/୨ ନ୍ୟୁଜ ବ୍ୟୁରୋ**

ସନ୍ଥ କବି ଭୀମ ଭୋଇଙ୍କ ପୀଠ ପରିଦର୍ଶନ କରିବା ପାଇଁ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ମାର୍ଚ୍ଚ ୨ ତାରିଖରେ ସନ୍ଥ କବି ଭୀମ ଭୋଇଙ୍କ ମଧୁପୁର ଜ୍ଞାନ ପ୍ରାପ୍ତି ପୀଠ ଓ କନ୍ଧରା ଦିବ୍ୟ ଜ୍ୟୋତି ଦର୍ଶନ ପୀଠକୁ ଆସିବେ ରାଷ୍ଟ୍ରପତି । ସେଠାରେ ଆୟୋଜିତ ଧର୍ମ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୂଚନା ମିଳିବା ପରେ ମହିମା ସାଧୁ ସନ୍ଥ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ରାଷ୍ଟ୍ରପତି ମାର୍ଚ୍ଚ ୨ ତାରିଖରେ ସନ୍ଥକବି ଭୀମ ଭୋଇଙ୍କ ମଧୁପୁର ସ୍ଥିତ ଜ୍ଞାନ ପ୍ରାପ୍ତି ପୀଠକୁ ଆସିବେ । ମଧ୍ୟାହ୍ନ ୧୨.୧୦ରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପୀଠରେ ରହିବେ । ତା'ପରେ ସେ କନ୍ଧରା ସ୍ଥିତ ଭୀମଭୋଇଙ୍କ ଦିବ୍ୟ ଜ୍ୟୋତି ଦର୍ଶନ ପୀଠକୁ ଯିବେ । ସେଠାରେ ସେ ୧୨.୪୫ରୁ ୧.୦୫ ପର୍ଯ୍ୟନ୍ତ ରହିବେ । ପରେ ରାଷ୍ଟ୍ରପତି ରେଢ଼ାଖୋଲ ସ୍ଥିତ ମିନି ଷ୍ଟାଡିୟମକୁ ଯିବେ । ଅପରାହ୍ନ ୩.୧୫ରୁ ୪.୧୫ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା 'ମହିମା ସାଧୁସନ୍ଥ' ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଜ୍ଞାନ ପ୍ରାପ୍ତି ପୀଠ ଓ ସ୍ମୃତି ପୀଠର ସାଧୁସନ୍ଥଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଆଜିଠୁ ନାଟମଣ୍ଡପ ମରାମତି

**ପୁରୀ, ୨୨/୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ନାଟମଣ୍ଡପ ମରାମତି କାମ ଆସନ୍ତାକାଲି (ଶୁକ୍ରବାର)ଠାରୁ ଆରମ୍ଭ ହେବ । ଏହି ମରାମତି କାମ ନେଇ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । କିନ୍ତୁ ନାଟମଣ୍ଡପ ମରାମତି ପୂର୍ବରୁ ମହାପ୍ରଭୁଙ୍କ ନୀତିରେ ବଡ଼ ବିଭ୍ରାଟ ଦେଖା ଦେଇଛି । ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳିତ ନହେଲେ ନାଟମଣ୍ଡପ ମରାମତି କାର୍ଯ୍ୟ ପ୍ରଭାବିତ ହେବ । ତେବେ ଏହାକୁ ଶୃଙ୍ଖଳିତ କରିବା ପାଇଁ ଘନଘନ ବୈଠକ ବସୁଛି । ଛତିଶାନିଯୋଗ ବୈଠକରେ ଏନେଇ ନୀତି ନିର୍ଘଣ୍ଟ ହୋଇଛି । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଗୁରୁବାର ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟିଛି । ଶୁକ୍ରବାର ଦିନ ଗୋଟାଏରୁ ନାଟମଣ୍ଡପ ମରାପତି କାମ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ସୁଦ୍ଧା ଶେଷ ହେବ । ପୂର୍ବରୁ ନାଟମଣ୍ଡପର ଉପରି ଭାଗର ପଥର ଯୋଡ଼େଇ ଓ ସଫା କାମ କରାଯାଇଥିଲା ।

# ଭାରତ ହେବ ବିଶ୍ୱର ବୈଷୟିକ ଏବଂ ବୈଜ୍ଞାନିକ ମାନବ ସମ୍ବଳର ବୃହତମ ଭଣ୍ଡାର : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩/୨ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱରେ ଦେଶରେ ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ଗୁଡିକ ଦ୍ରୁତ ଗତିରେ ଖୋଲାଯାଉଛି । କାରଣ, ଏହି ସବୁ ଅନୁଷ୍ଠାନ ଗୁଡିକ ଆମ ଦେଶକୁ ବିଶ୍ୱର ବୈଷୟିକ ଏବଂ ବୈଜ୍ଞାନିକ ମାନବ ସମ୍ବଳର ଏକ ବୃହତ୍ତମ ଭଣ୍ଡାରରେ ପରିଣତ କରିବା ଦିଗରେ ସହଯୋଗୀ ହେବ ବୋଲି ଗୁରୁବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଟି ତିରୁପତିର ସମାବର୍ତ୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଇଆଇଟି ତିରୁପତିର ଚତୁର୍ଥ ଓ ପଞ୍ଚମ ଯୁଗ୍ମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମର ନୂତନ ଆଇଆଇଟି ଗୁଡିକ ଦ୍ରୁତ

## ଆଇଆଇଟି ତିରୁପତିର ସମାବର୍ତ୍ତନ ସମାରୋହ



ଗତିରେ ପରିପକ୍ୱ ହେଉଛି ଏବଂ ଉତ୍କର୍ଷ କେନ୍ଦ୍ର ଭାବରେ ଉଭା ହେଉଛି । ଆଇଆଇଟି ତିରୁପତି ଇନୋଭେସନ ଏବଂ ଆନ୍ତଃବିଭାଗୀୟ ଗବେଷଣା ଉପରେ ଧ୍ୟାନ ଦେବା ପ୍ରଶଂସନୀୟ । ଏହି ଅନୁଷ୍ଠାନ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନର ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ, ଯାହା ଯୁବଶକ୍ତିଙ୍କ ଉର୍ଜାକୁ ବିଶ୍ୱ କଲ୍ୟାଣ ଏବଂ ମାନବସେବା ପାଇଁ ବ୍ୟବହାର କରିପାରିବ । ଆଇଆଇଟି ତିରୁପତି ସମେତ ପାଲକ୍କଡ, ଜମ୍ମୁ, ଭିଲାଇ, ଗୋଆ ଏବଂ ଧାରୱାଡରେ ୨୦୧୫-୧୬ରେ ଆରମ୍ଭ ହୋଇଥିବା ନୂତନ ଆଇଆଇଟି ସାରା ଦେଶରେ ଆମର ଯୁବବର୍ଗଙ୍କୁ ଗୁଣାତ୍ମକ ଏବଂ ଉଚ୍ଚମାନର ଟେକ୍ନୋଲୋଜି ଶିକ୍ଷା ଉପଲବ୍ଧ କରାଇବା ହେଉଛି ମୋଦୀ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ । ଆଇଆଇଟିରୁ ଗ୍ରାଜୁଏଟ ହେଉଥିବା ଯୁବବର୍ଗ ବିଭିନ୍ନ କ୍ଷେତ୍ରରେ ଆଗୁଆ ରହୁଛନ୍ତି ଏବଂ ଆମ ଦେଶ ଏବଂ ବିଦେଶରେ ଅନେକ ଷ୍ଟାର୍ଟଅପ ତିଆରି କରିବାରେ ଆଗ ଧାଡିରେ ରହି ନିଜର ଭୂମିକା ନିର୍ବାହ କରୁଛନ୍ତି । ଆଜିର ଅନେକ ଷ୍ଟାର୍ଟଅପ୍ ଗୁଡିକ ଆସନ୍ତାକାଲି ବଡ଼ ବଡ଼ କର୍ପୋରେଟ୍ ହାଉସରେ ପରିଣତ ହେବ ଏବଂ ଜ୍ଞାନ, ସମ୍ପତ୍ତି, ନିଯୁକ୍ତି ଦୁନିଆରେ ନିଜର ଦବଦବା ବଜାୟ ରଖିବ । ଏକ ମିଶନ ମୋଡରେ ନବସୃଜନ ଏବଂ ଉଦ୍ୟମିତାର ସଂସ୍କୃତିକୁ ପ୍ରୋତ୍ସାହନ ଦିଆଯିବା ଦରକାର । ଷ୍ଟାର୍ଟଅପ୍ ଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବାର ସାମର୍ଥ୍ୟ ଅଟନ୍ତି । ଆଇଆଇଟି-ଭୁବନେଶ୍ୱର, ଆଇଆଇଟି – ତିରୁପତିରେ ଷ୍ଟାର୍ଟଅପ୍ ପାଇଁ ଏକ ଭିଜନ ପ୍ରସ୍ତୁତ କରିବା ଉପରେ କାମ କରିବା ଉଚିତ୍ । ଆମର ସମସ୍ତ ଆଇଆଇଟି ଦେଶରେ ଏକ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀ ଭାବନା ସୃଷ୍ଟି କରିବା ଆବଶ୍ୟକ ବୋଲି କହିବା ସହ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇଥିବା ଦୁଇଟି ବ୍ୟାଚର ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ଆଇଆଇଟି ତିରୁପତିର ଛାତ୍ରଛାତ୍ରୀମାନେ ଓଲଥ୍ କ୍ରିଏଟର ହେବେ ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବା ଦିଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ ।




## ୧୫ ମିନିଟ୍‌ରେ ସମସ୍ୟା ଶୁଣିବ ପୁଲିସ: ଜାରି ହେଲା ନୂଆ ପୁଲିସ ସହାୟତା ନମ୍ବର

# କଣ୍ଟ୍ରୋଲ୍ ରୁମ୍‌ରୁ ନିୟନ୍ତ୍ରଣ; ୨୪ ଘଣ୍ଟାରେ ସମାଧାନ

**କଟକ, ୨୨/୨ ନ୍ୟୁଜ ବ୍ୟୁରୋ**

କୌଣସି ଅଭିଯୋଗ ସଂକ୍ରାନ୍ତରେ ପୁଲିସକୁ ଫୋନ୍ କି ହ୍ୱାଟ୍‌ସଆପ୍ ମେସେଜ୍ କଲେ ମାତ୍ର ୧୫ ମିନିଟରେ ପୁଲିସ ଅଭିଯୋଗକାରୀଙ୍କୁ ଯୋଗାଯୋଗ କରିବ । ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ କଟକ କମିସନରେଟ୍ ପୁଲିସ ଏକ ସ୍ୱତନ୍ତ୍ର ନମ୍ବର ଜାରି କରିଛି । ଡିସିପିଙ୍କ ଆଧୁନିକ କଣ୍ଟ୍ରୋଲ୍ ରୁମ୍ ମାଧ୍ୟମରେ ଏହି ନମ୍ବର ପରିଚାଳିତ ହେବାକୁ ଯାଉଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ରାସ୍ତାରେ ଘଟୁଥିବା ଅପରାଧ ରୋକିବାକୁ କଟକ କମିସନରେଟ୍ ପୁଲିସ ୨୪ ଘଣ୍ଟିଆ ସହାୟତା ନମ୍ବରଜାରି କରିଛି । ଏହି ମୋବାଇଲ୍ ନମ୍ବର ହେଉଛି **୭୯୭୮୮୯୪୪୦୫** । ଏହା ୧୧୨ ସହାୟତା ନମ୍ବର ସହିତ ସମାନ୍ତରାଳ ଭାବେ କାର୍ଯ୍ୟ କରିବ । କୌଣସି ଅପରାଧିକ ତତ୍ତ୍ୱଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଇ କିମ୍ବା ରାସ୍ତାରେ ଲୁଟେରା ଛିନତାଇ କଲେ, ସର୍ବସାଧାରଣରେ ବେଆଇନ ମଦ କାରବାର ସମ୍ପର୍କରେ ଏହି ନମ୍ବର ମାଧ୍ୟମରେ ସାଧାରଣ ଲୋକେ କିମ୍ବା ଅଭିଯୋଗକାରୀ ପୁଲିସକୁ ସୂଚନା ଦେଇପାରିବେ । କଟକ ସହର ବାସିନ୍ଦା ଏହି ନମ୍ବରରେ ଫୋନ୍ କରିବା ସହିତ ହ୍ୱାଟ୍‌ସଆପ୍‌ରେ ମେସେଜ୍ ପଠାଇପାରିବେ ।




ଏହା ସିଧାସଳଖ କଣ୍ଟ୍ରୋଲ୍ ରୁମ୍ ସହିତ ଯୋଡ଼ି ହୋଇଥିବାରୁ ଏହି ତଥ୍ୟ ସଂଗ୍ରହ କରି ସେହି ଅନୁଯାୟୀ ପୁଲିସ ସହାୟତା ଯୋଗାଇ ଦିଆଯିବ । ୧୫ ମିନିଟ୍ ମଧ୍ୟରେ ଅଭିଯୋଗକାରୀଙ୍କୁ ପୁଲିସ ଯୋଗାଯୋଗ କରିବ । ୨୪ ଘଣ୍ଟା ମଧ୍ୟରେ ଏହାର ସମାଧାନ କରାଯିବ । ଏହି ନମ୍ବରକୁ ଆସିଥିବା ଫୋନ୍ ଓ ହ୍ୱାଟ୍‌ସଆପ୍ ମେସେଜ୍ ଦୈନିକ ଅତିରିକ୍ତ ଡିସିପି ଅନୀଲ ମିଶ୍ର ସମୀକ୍ଷା କରିବେ । ଯଦି ୨୪ ଘଣ୍ଟା ମଧ୍ୟରେ କୌଣସି ସମସ୍ୟାର ସମାଧାନ ହୋଇପାରିଲା ନାହିଁ, ତେବେ ସମ୍ପୃକ୍ତ ବ୍ୟକ୍ତି ସିଧାସଳଖ ଶ୍ରୀ ମିଶ୍ରଙ୍କୁ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯୋଗାଯୋଗ କରିପାରିବେ । ରାସ୍ତାରେ ଘଟୁଥିବା ଅପରାଧ ଏବେ ପୁଲିସ ପାଇଁ ଅଧିକ ଚିନ୍ତାଜନକ ହୋଇଛି । କେଉଁ ଥାନାରେ ଅଭିଯୋଗକାରୀ ପହଞ୍ଚି ସେମାନଙ୍କ ଅଭିଯୋଗ ଦେବେ, ଏ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଥାଏ । ସେଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ପାଇଁ କଟକ କମିସନରେଟ୍ ପୁଲିସ ଏଭଳି ଏକ ସହାୟତା ନମ୍ବର ଜାରି କରିଛି । ସାଧାରଣ ଲୋକ ଏହି ନମ୍ବର ମାଧ୍ୟମରେ ନିଜର ଅଭିଯୋଗ ଜଣାଇ ପୁଲିସ ସହାୟତା ତୁରନ୍ତ ପାଇବା ପାଇଁ ଏଡିସିପି ଅନୀଲ ମିଶ୍ର ଜନସାଧାରଣଙ୍କୁ ଅନୁରୋଧ କରିଛି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍, ଲକ୍ଷେ ଟଙ୍କା ଜରିମାନା

**କଟକ, ୨୩/୦୨ ନ୍ୟୁଜ ବ୍ୟୁରୋ**

ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ । କଟକ ସ୍ୱତନ୍ତ୍ର ଆଡ଼ହକ ପୋକ୍ସୋ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଦୁଷ୍କର୍ମକାରୀ ବିଜୟ ସେଠୀ ଓରଫ ବିଜୁ ଦୋଷୀ ସାବ୍ୟସ୍ତ ହୋଇଛି । ଦୋଷୀକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ପୀଡିତାକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପୋକ୍ସୋ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ବୈଦେଶ୍ୱର ଥାନା ଅଞ୍ଚଳରେ ୨୦୧୯ ମସିହା ସେପ୍ଟେମ୍ବର ମାସରେ ଘଟିଥିଲା ଏଭଳି ଅଭାବନୀୟ ଘଟଣା ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com